# ୩ ବର୍ଷରେ ଶିମିଳିପାଳରେ ୧୦୩ ବନ୍ୟପ୍ରାଣୀ ଅପରାଧ ମାମଲା: ଜଙ୍ଗଲ ମନ୍ତ୍ରୀ

**ବିଧାନସଭା ଖବର**



**୧୦ବର୍ଷ ପାଇଁ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ଅନୁମୋଦିତ**

**ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ସ୍କ୍ୱାଡ୍ ସୃଷ୍ଟି କରାଯାଉଛି**

ଭୁବନେଶ୍ୱର, ୧୮।୩ (ବନ୍ଦନା ସେଠୀ)

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 'ପ୍ରୋଜେକ୍ଟ ବ୍ୟାଘ୍ର (ସିଏସ୍ଏସ୍-ପିଟି ସ୍କିମ୍)' ମାଧ୍ୟମରେ ଆର୍ଥିକ ସହଯୋଗର ବ୍ୟବସ୍ଥା କରାଯାଉଛି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟଜନ୍ତୁ ସଂରକ୍ଷଣକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ୧୦ବର୍ଷ ପାଇଁ ୨୦୨୩-୨୪ ଠାରୁ ୨୦୩୨-୩୩ ପର୍ଯ୍ୟନ୍ତ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ଅନୁମୋଦିତ ହୋଇଛି। ଶିକାରୀ ଓ ବନ୍ୟଜନ୍ତୁଙ୍କ ତଦାରଖ ନିମନ୍ତେ ଏଆଇ କ୍ୟାମେରା, ଇନଫ୍ରାରେଡ୍ କ୍ୟାମେରା ଏବଂ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବୃକ୍ଷ ଏବଂ ବନ୍ୟଜନ୍ତୁଙ୍କ ଉନ୍ନତ ବିବିଧତାର ସୁରକ୍ଷା ନିମନ୍ତେ ଶିମିଳିପାଳ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବାହିନୀ/ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ (ଏସ୍ଏସ୍‌ଟିପିଏଫ୍)ମାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ଗତ ୩ବର୍ଷ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ୧୦୩ଟି ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯାଇଛି। ଏଥିସହ ୨୫୫ ଜଣ ଶିକାରୀ ଗିରଫ ହୋଇଥିବାବେଳେ ୫୭ଟି ବନ୍ଧୁକ ଜବତ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି।

ମଙ୍ଗଳବାର ବିଧାନସଭାରେ ଉପସ୍ଥାପନ ହୋଇଥିବା ଏ ସଂକ୍ରାନ୍ତ ତଥ୍ୟ ଅନୁଯାୟୀ, ଶିମିଳିପାଳ ପାଦଦେଶରେ ବନ ସୁରକ୍ଷା ବାହିନୀ ଏବଂ ଇକୋ-ଡେଭଲପମେଣ୍ଟ କମିଟି ମାଧ୍ୟମରେ ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉଛି। ଶିକାର ଖବର ପ୍ରାପ୍ତ ପାଇଁ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଗାଡ଼ି ଏବଂ ତଥ୍ୟ ସରବରାହ ପାଇଁ ସ୍ଥାୟୀ ବେତାର କେନ୍ଦ୍ରମାନ ସ୍ଥାପନ କରାଯାଇଛି। ନିଷେଧାଦେଶ ବନ୍ୟଜନ୍ତୁ ପ୍ରବନ୍ଧଗୁଡ଼ିକର ଚୋରା କାରବାର ଉପରେ ତଥ୍ୟ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏସ୍-ୱିନ (ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନ୍ସ ନେଟୱର୍କ) ଗଠନ କରାଯାଇଛି। ନିଆଁ ଦାଉରୁ ସୁରକ୍ଷା ପାଇଁ ଗ୍ରୀଷ୍ମଋତୁରେ ଅଗ୍ନିରେଖା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ସ୍କ୍ୱାଡ୍ ସୃଷ୍ଟି କରାଯାଉଛି। ଶିମିଳିପାଳରେ ବ୍ୟାଘ୍ର ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ଜିନ୍‌ର ଉନ୍ନତି ପାଇଁ ବାହାର ରାଜ୍ୟରୁ ବ୍ୟାଘ୍ର ସ୍ଥାନାନ୍ତରଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ଉଲ୍ଲେଖ କରାଯାଇଛି।



ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗିଛି। (ଫଟୋ: ବିରଞ୍ଚି ଦର୍ଶୀ)

## ସକାଳ ୭ରୁ ୯ଟା ଅଙ୍ଗନୱାଡ଼ି

ଭୁବନେଶ୍ୱର, ୧୮।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସବୁ ଅଙ୍ଗନୱାଡ଼ି କେନ୍ଦ୍ର ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଖୋଲିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ୍ସରେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପତ୍ର ଜରିଆରେ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ଏହି କେନ୍ଦ୍ର ଖୋଲାରହିବ। ସେହିପରି ଯେଉଁ ବିଦ୍ୟାଳୟରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିଲା, ସେଠାରେ ମଧ୍ୟ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ନିର୍ଦ୍ଦେଶ ରହିଛି।




# ଗ୍ରୀଷ୍ମ ପ୍ରବାହରେ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

- ସକାଳୁଆ ସ୍କୁଲ ପାଇଁ ଆସିବ ଏସ୍ଓପି
- ପୂର୍ବାହ୍ନ ୧୧ଟା ରୁ ୫ଟା, ରାତି ୯ରୁ ସକାଳ ୬ ଯେପରି ବିଦ୍ୟୁତ୍ କାଟ୍ ନ ହୁଏ

ଭୁବନେଶ୍ୱର, ୧୮।୩(ସୁନିତ୍ ମିଶ୍ର)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ନିଆଯାଇଥିବା ପ୍ରସ୍ତୁତି ସମ୍ପର୍କରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ସମୀକ୍ଷା କରିଛନ୍ତି। ବୈଠକରେ ସମସ୍ତ ଜିଲାପାଳ ଓ ଉପସ୍ଥିତ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆଗୁଆ ଆସିଛି। ରାଜ୍ୟର ଅନେକ ଜିଲାରେ ତାପମାତ୍ରା ଅଧିକ ରହୁଛି। ଯଦିଓ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ ଦିନରେ ତାପମାତ୍ରା କମିବ, ତେବେ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସରକାରୀ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଯାହା ଏସ୍ଓପି ଜାରି କରାଯାଇଛି, ତାକୁ ଦୃଷ୍ଟିରେ ରଖି ଜିଲାପାଳମାନେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆବଶ୍ୟକସ୍ଥଳେ ଏସ୍ଓପି ବାହାରେ ମଧ୍ୟ କାମ କରିବା ପାଇଁ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ରଖି ସମସ୍ତେ କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଂଶୁଘାତର ମୁକାବିଲା ପାଇଁ ଛାଇ ଓ ପାଣି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସହରାଞ୍ଚଳରେ ଟ୍ରାଫିକ୍ ଛକ ଏବଂ ଗ୍ରାମାଞ୍ଚଳରେ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଛାଇ ପାଇଁ ଟେଣ୍ଟ ଓ ଜଳଛତ୍ର ବ୍ୟବସ୍ଥା କରିବାକୁ ସମସ୍ତେ ଯତ୍ନବାନ୍ ହେବା ଦରକାର। ବିଗତ ଦିନରେ ସଚେତନତାମୂଳକ ପ୍ରଚାରପ୍ରସାର ଜରିଆରେ ଆମେ ସଫଳତା ପାଇଛେ। ତେଣୁ ଅଂଶୁଘାତରୁ ରକ୍ଷାପାଇବା ପାଇଁ ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ ଜରୁରୀ। ସ୍କୁଲଗୁଡ଼ିକୁ ଯଥାଶୀଘ୍ର ସକାଳୁଆ କରିବା ପାଇଁ ତୁରନ୍ତ ଏସ୍ଓପି ଜାରି କର। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ସମୟ ପରିବର୍ତ୍ତନକରି ସକାଳ ୭ଟାରୁ ୯ଟା ମଧ୍ୟରେ ରଖାଯାଉ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୧୭ ହଜାରରୁ ଅଧିକ ନଳକୂପ ମଞ୍ଜୁର କରାଯାଇଛି। କୌଣସି ଜାଗାରେ ଯେପରି ପାଣି ପାଇଁ ଅସୁବିଧା ନ ହୁଏ, ତାହାକୁ ଦୃଷ୍ଟିରେ ରଖି ସପ୍ତାହକ ମଧ୍ୟରେ ନଳକୂପ ସ୍ଥାପନ, ମରାମତି ଉପରେ ଜିଲାପାଳ ଗୁରୁତ୍ୱ ଦିଅନ୍ତୁ। ଯେଉଁସବୁ ସ୍ଥାନରେ ପାନୀୟ ଜଳର ଅଭାବ ପରିଲକ୍ଷିତ ହେଉଛି, ସେସବୁ ଅଞ୍ଚଳକୁ ଚିହ୍ନଟକରି ବୋର୍‌ୱେଲ ଓ ନଳକୂପର ବ୍ୟବସ୍ଥା କରିବା ଦରକାର। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି କର। ଖରାଦିନେ ବିଦ୍ୟୁତ୍ କାଟ୍ ଉପରେ ଆଲୋକପାତକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବାହ୍ନ ୧୧ଟା ରୁ ୫ଟା ଏବଂ ରାତି ୯ଟା ରୁ ସକାଳ ୬ଟା ପର୍ଯ୍ୟନ୍ତ ଯେପରି ବିଦ୍ୟୁତ୍ କାଟ୍ ନ ହୁଏ। ଅଘୋଷିତ ବିଦ୍ୟୁତ୍ କାଟ୍ ଯେପରି ନ ହୁଏ, ସେଥିପ୍ରତି ଧ୍ୟାନ ଦିଅ। କାଳବୈଶାଖୀ ସମୟରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ନ ହେବା ପାଇଁ ଆଗୁଆ ସତର୍କ ରହିବା ଦରକାର। ସଭା, ସମିତିଗୁଡ଼ିକୁ ପିକ୍ ଟାଇମ୍‌ରେ ଅନୁମତି ନ ଦେଇ ସକାଳେ ଓ ମଧ୍ୟାହ୍ନରେ କରିବା ଦରକାର। ସାଂସଦ ଓ ବିଧାୟକମାନଙ୍କୁ ଏ ବିଷୟରେ ଅବଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଖରାଦିନେ ଗ୍ରାମାଞ୍ଚଳରେ ନିଆଁ ଲାଗିବା ସମ୍ଭାବନା ଥିବାରୁ ଅଗ୍ନିଶମ ବିଭାଗ ସଜାଗ ରହିବାକୁ ସେ କହିଛନ୍ତି। ଜିଲାସ୍ତରରେ ହେଉଥିବା ଅଭିଯୋଗ ପ୍ରକୋଷ୍ଠର ଶୁଣାଣି ସମୟ ପରିବର୍ତ୍ତନକରି ସକାଳ ୭ଟାରୁ ୧୦ଟା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ କାମ ପାଇଁ ଆମ ସରକାରରେ ଇଚ୍ଛାଶକ୍ତି କିମ୍ବା ଅର୍ଥର ଅଭାବ ରହିବ ନାହିଁ। ନୂଆ ସରକାର ଆସିବା ପରେ ସମସ୍ତଙ୍କ ସହଯୋଗରେ ଆମେ ଅନେକ ବଡ଼ ବଡ଼ କାର୍ଯ୍ୟ ସଫଳତାର ସହ କରିଛୁ। ତେଣୁ ଆମେ ଏହି ଗ୍ରୀଷ୍ମ ପ୍ରବାହ ପ୍ରତି ସତର୍କ ରହିଲେ, ଆମର ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ବଜାୟ ରହିବ ବୋଲି ସେ କହିଛନ୍ତି।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜିରୋ କାଜୁଆଲ୍‌ଟି ପ୍ରତି ସଜାଗ ରହି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ଗ୍ରୀଷ୍ମ ପ୍ରବାହ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଉପରେ ପଶ୍ଚିମବଙ୍ଗର ଲୋଲୁପଦୃଷ୍ଟି | ଶାହାବାଜିପୁରଠାରେ ପୋତିଲେ ଖୁଣ୍ଟ

ଭୁବନେଶ୍ୱର,୧୮।୩(ରବିନାରାୟଣ ଜେନା)

ଓଡ଼ିଶା ଉପରେ ପଶ୍ଚିମବଙ୍ଗର ଲୋଲୁପଦୃଷ୍ଟି ବଢ଼ିଚାଲିଛି। ପଶ୍ଚିମବଙ୍ଗ ସରକାର ସୀମା ଲଂଘନ କରି ଓଡ଼ିଶା ଭିତରକୁ ପଶିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ସଦସ୍ୟମାନେ ଶୂନ୍ୟକାଳରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଜେଡି ସଦସ୍ୟ ଗୌତମ ବୁଦ୍ଧ ଦାସ କହିଥିଲେ, ଉଦୟପୁର ବେଳାଭୂମିରେ ସୀମା ଅତିକ୍ରମ ପାଇଁ ପଶ୍ଚିମବଙ୍ଗ ଉଦ୍ୟମ ଜାରି ରଖିଛି। ଉଦୟପୁର ଶାହାବାଜିପୁରରେ ଶହେମିଟର ଭିତରକୁ ପଶି ୧୦୦ ଖୁଣ୍ଟ ପୋତିସାରିଲାଣି। ସେ କହିଥିଲେ, ଏନେଇ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ସାଗରସାଥୀମାନେ ପଶ୍ଚିମବଙ୍ଗ ପୋତିଥିବା ଖୁଣ୍ଟ ଉପାଡ଼ି ଫିଙ୍ଗିଦେଇଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମଧ୍ୟ ଉତ୍ତର ମିଳିଲା ନାହିଁ। ସୀମା ବିପନ୍ନ ହେଉଛି, ସରକାରଙ୍କ ବେଫିକର ରହିଛନ୍ତି। ସୀମା ସୁରକ୍ଷା ପାଇଁ ସରକାର ସ୍ଥାୟୀ ସମାଧାନ କରନ୍ତୁ। ବିଜେଡି ସଦସ୍ୟ ଅଶ୍ୱିନୀ ପାତ୍ର କହିଥିଲେ, ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୃହ କମିଟି ରହିଛି। ବଜେଟ ଅଧିବେଶନ ପରେ ଉକ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରତିନିଧି ଦଳ ପରିଦର୍ଶନ କରିବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ୨୦୨୬ ଜୁନ୍ ସୁଦ୍ଧା ସବୁ ଗାଁକୁ ସ୍ୱଚ୍ଛ ଜଳ

ଭୁବନେଶ୍ୱର,୧୮।୩ (ରବିନାରାୟଣ ଜେନା)

୨୦୨୬ ଜୁନ୍ ସୁଦ୍ଧା ରାଜ୍ୟର ସବୁ ଗାଁର ସମସ୍ତ ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସମସ୍ତ ପଞ୍ଚାୟତ ଅଧୀନ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଲାଗି ଅଦ୍ୟାବଧି ୧୬ଟି ବୃହତ୍ ପାଇପ୍ ଜଳ ପ୍ରକଳ୍ପ, ୧୭ ହଜାର ୩୮୦ ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଏବଂ ୪୫୯୮ଟି ସୌରଚାଳିତ ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହାବ୍ୟତୀତ ୧୯୧ଟି ବୃହତ୍ ଜଳଯୋଗାଣ ପ୍ରକଳ୍ପ ଏବେ ନିର୍ମାଣାଧୀନ ଥିବାବେଳେ ୧୭୨୫ଟି ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଜଳଯୋଗାଣ ଏବଂ ୩୯୦୯ଟି ସୌରଚାଳିତ ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ନିର୍ମାଣାଧୀନ ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ୨୦୨୬ ଜୁନ୍ ସୁଦ୍ଧା ସରିବା ପରେ ସବୁ ଗାଁକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଖର୍ଚ୍ଚଦାବି ଅନୁମୋଦିତ

ଭୁବନେଶ୍ୱର, ୧୮।୩(ସୁନିତ୍ ମିଶ୍ର)

ବିଧାନସଭାରେ ମଙ୍ଗଳବାର କ୍ରୀଡ଼ା ଓ ଯୁବବ୍ୟାପାର, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଉତ୍ତର ରଖିବା ବେଳେ ବିରୋଧୀଙ୍କ ପ୍ରତିକ୍ରିୟାର ପ୍ରତି ଜବାବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିରୋଧୀଙ୍କ ଓଡ଼ିଆ ଅସ୍ମିତା ଆକ୍ରମଣର ପାଲଟା ଜବାବ ଦେଇଛନ୍ତି। ସେ କହିଛନ୍ତି, ନବକୃଷ୍ଣ ଚୌଧୁରୀଙ୍କୁ ଶାର୍ଟ ପ୍ୟାଣ୍ଟ ପିନ୍ଧାଇବା, କାନ୍ତକବିଙ୍କୁ କଣ୍ଠକବି, ଅନ୍ୟ ମହାପୁରୁଷଙ୍କ ନାଁକୁ ବିକୃତ କରିବା, ହରେକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ପାଇଁ ଆଗରପଡ଼ାରେ ଜମି ନ ଦେବା ବିରୋଧୀ ଦଳ ଶାସନରେ ଥିବାବେଳେ କରିଥିବା ଦେଖିବାକୁ ମିଳିଥିଲା। ବିଜେଡିର ବରିଷ୍ଠ ବିଧାୟକ ବହୁଦିନର ଅଭିଜ୍ଞତା ରଖିଥିବା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଚ୍ଛିନ୍ନାଞ୍ଚଳର ସଂଗ୍ରାମୀଙ୍କୁ ସମ୍ମାନ ନେଇ ସରକାରଙ୍କ ଉପରେ ପ୍ରଶ୍ନ ଉଠାଉଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କୁ ଜାତି ଆଧାରରେ ସମ୍ମାନିତ କରିବା କଥା କହୁଛନ୍ତି। ସେମାନେ ଜାଣିରଖିବା ଦରକାର ସରକାର ଭାଷା ସାହିତ୍ୟ ପାଇଁ ଲଢ଼େଇ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରିବାକୁ ତାଲିକା ପ୍ରସ୍ତୁତ କରିଛନ୍ତି। ରତନା ନାଏକ, ବୀର ସୁରେନ୍ଦ୍ର ସାଏ, ବାଘାଜତିନ ଓ ଅନ୍ୟ ସ୍ୱାଧୀନତା ସଂଗ୍ରୀଙ୍କର ସମ୍ମାନରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ବିଜେଡି ସରକାର ସମୟରେ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିକୁ ପ୍ୟାଣ୍ଟ ଶାର୍ଟ ପିନ୍ଧାଇଥିଲେ, ଏହା ଅକ୍ଷମଣୀୟ। ବିଜେଡି ସରକାର ସମୟରେ ଆୟୋଜିତ ଭାଷା ସମ୍ମିଳନୀରେ ଉପସ୍ଥାପକ କାନ୍ତକବିଙ୍କୁ କଣ୍ଠକବି କହିଲେ, ଯାହା ସମସ୍ତେ ଦେଖିଛନ୍ତି। ଅନ୍ୟ ମହାପୁରୁଷଙ୍କ ନାଁକୁ ବିଭିନ୍ନ ସମୟରେ ବିଜେଡି ସରକାର କଦର୍ଥ କରିଥିଲେ। ସବୁଠାରୁ ବଡ଼ ଦୁଃଖର କଥା ହେଉଛି, ବିଜେଡି ସରକାର ସମୟରେ ଆଗରପଡ଼ାରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅର୍ଥ କ'ଣ, ୪ ଫୁଟ ଜାଗା ମଧ୍ୟ ଦେଇ ନ ଥିଲେ। ଏବେ ବିଜେଡି ବିଧାୟକମାନେ ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନର କଥା କହୁଛନ୍ତି ବୋଲି କହି ସେ କଟାକ୍ଷ କରିଛନ୍ତି। ଏହାପରେ ଗୃହରେ ଉପରୋକ୍ତ ୩ଟି ବିଭାଗର ଖର୍ଚ୍ଚଦାବି ପାରିତ ହୋଇଥିଲା।

# ୫୧୯୭ ପଡ଼ାଗାଁକୁ ରାସ୍ତା ନାହିଁ:ମନ୍ତ୍ରୀ

ଭୁବନେଶ୍ୱର,୧୮।୩ (ରବିନାରାୟଣ ଜେନା)

ରାଜ୍ୟରେ ୫୧୯୭ଟି ଗାଁ ଓ ପଡ଼ା ଗାଁକୁ ଏପର୍ଯ୍ୟନ୍ତ ରାସ୍ତା ସଂଯୋଗ ହୋଇପାରିନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ମଙ୍ଗଳବାର ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ରାଜ୍ୟରେ ମୋଟ ୫୧ହଜାର ୩୪୬ଟି ଗାଁ ଓ ପଡ଼ା ଗାଁ ରହିଛି। ସେଥିମଧ୍ୟରେ ୪୬ହଜାର ୧୪୯ଟି ଗାଁ ଓ ପଡ଼ାକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇଛି। ହେଲେ ୫୧୯୭ଟି ଗାଁ ଓ ପଡ଼ାକୁ ରାସ୍ତା ସଂଯୋଗ ହୋଇନାହିଁ। ଅଣସଂଯୋଜିତ ଗାଁ ଓ ପଡ଼ା ଗାଁକୁ ମନରେଗା, ସିଏଫସି, ସାଂସଦପାଣ୍ଠି, ବିଧାୟକ ପାଣ୍ଠି ଓ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ସଂଯୋଗୀକରଣ କରାଯାଉଛି। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୯୦୫ ପଡା ଗାଁକୁ ରାସ୍ତା ସଂଯୋଗ ନଥିବାବେଳେ ନୟାଗଡ଼ର ୫୩୬, ନବରଙ୍ଗପୁରରେ ୪୩୫, ରାୟଗଡାରେ ୪୦୧, କଳାହାଣ୍ଡିରେ ୩୨୧ ପଡାଗାଁକୁ ରାସ୍ତା ନାହିଁ। ଅନ୍ୟପକ୍ଷରେ ସୁବର୍ଣ୍ଣପୁର ଜିଲାରେ ସବୁ ଗାଁକୁ ରାସ୍ତା ଥିବାବେଳେ ପୁରୀରେ ୯ ଓ ଯାଜପୁରରେ ୨ଟି ପଡା ଗାଁକୁ ରାସ୍ତା ନଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

# ଶୂନ୍ୟକାଳରେ ଉଠିଲା ଲଘୁ ଖଣିଜ ଲୁଟ୍ | ଗୃହ କମିଟିକୁ ଏସ୍କର୍ଟରେ ନେଲେ ମାଫିଆ

ଭୁବନେଶ୍ୱର,୧୮।୩(ରବିନାରାୟଣ ଜେନା)

ରାଜ୍ୟରେ ଲଘୁ ଖଣିଜ ସମ୍ପଦ ହରିଲୁଟ୍ ହୋଇଚାଲିଛି। ଏଥିଯୋଗୁ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ହାନି ହେଉଥିବାବେଳେ ମାଫିଆମାନେ ମାଲାମାଲ ହେଉଛନ୍ତି। ସରକାର ନିଦାବିଷ୍ଟ ସାଜିଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିରୋଧୀ ଶୂନ୍ୟକାଳରେ ସରକାରଙ୍କୁ କୈଫିୟତ ମାଗିଥିଲେ।

ଶୂନ୍ୟକାଳରେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଖଣିଚୋରି ରୋକିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଗୃହକୁ ଜଣାନ୍ତୁ। ସରକାର ଏଥିପାଇଁ ଟାସ୍କଫୋର୍ସ ଗଠନ କରନ୍ତୁ। ସେ କହିଥିଲେ ଯେ, ରାଜ୍ୟରେ ୬୩୬ଟି ସଇରାତ ଏପର୍ଯ୍ୟନ୍ତ ନିଲାମ ହୋଇପାରିନାହିଁ। ମାଫିଆମାନେ ବେଧଡ଼କ ଭାବେ ଖଣିଜ ସମ୍ପଦ ଲୁଟ୍ କରୁଛନ୍ତି। କେନ୍ଦ୍ରାପଡ଼ାରେ ଲଘୁ ଖଣିଜ ଲୁଟ୍ ହେଉଛି, ଏନେଇ ସଚିବଙ୍କୁ ଚିଠି ଲେଖିବାରୁ କୌଣସି ଫଳାଫଳ ମିଳିଲା ନାହିଁ। ଲଘୁ ଖଣିଜ ଲୁଟ୍ ହେବାର କାରଣ ଖଣି ଲିଜ୍ ଦିଆଯାଉନାହିଁ, ବିନା ଟିପିରେ ଖଣିରୁ ମାଲ୍ ଉତ୍ତୋଳନ ହେଉଛି। ଏହାକୁ ଲୁଟ୍ କରୁଛନ୍ତି ସରକାରୀ ଦଳର ଜଣେ ଜଣେ ବ୍ୟକ୍ତି ବିଶେଷ। ମୁଖ୍ୟ ସଚିବ କହିବା ପରେ କାର୍ଯ୍ୟାନୁଷ୍ଠାନ ହେଉଛି, କିନ୍ତୁ ମୂଳ ଅପରାଧୀ ଖସିଯାଉଛନ୍ତି। କାହିଁକି ଲଘୁ ଖଣିଜ ନିର୍ଦ୍ଦେଶାଳୟର ଜିଲାସ୍ତରୀୟ ଅଧିକାରୀମାନେ ଶୋଇଛନ୍ତି? ସରକାର ଏ ଦିଗରେ ନୀରବ କାହିଁକି ବୋଲି ସେ ପ୍ରଶ୍ନ କରିବା ସହିତ ବାଚସ୍ପତିଙ୍କଠାରୁ ରୁଲିଂ ଦାବି କରିଥିଲେ।

ସେହିପରି ବିଜେଡି ସଦସ୍ୟ ସଞ୍ଜୀବ ମଲ୍ଲିକ କହିଥିଲେ ଯେ, ଏବେ ଚୋର ବୁଲୁଛନ୍ତି ସରକାରଙ୍କ ସାଙ୍ଗରେ, ତାଙ୍କୁ ଧରିବ କିଏ ? ସେ କହିଥିଲେ ଯେ, ଲଘୁ ଖଣିଜ ସମ୍ପଦ ଲୁଟ୍‌ର ତଦାରଖ କରିବାକୁ ଗୃହ କମିଟି ମୋ ଅଞ୍ଚଳ ଯାଇଥିଲା। ସେତେବେଳେ କମିଟି ସହ ମାଫିଆମାନେ ମଧ୍ୟ ଯାଇଥିଲେ। ଏମିତିକି ମାଫିଆମାନେ ଏସ୍କର୍ଟ କରି କମିଟି ସଭ୍ୟଙ୍କୁ ଘଟଣାସ୍ଥଳକୁ ନେଇଥିଲେ। ସେଠାରେ ଦେଖିଲାବେଳକୁ ବାଲି ଲୁଟ୍ ହେଉଛି। ସେହିପରି ଗୋଟିଏ ପାହାଡ଼ ତଦାରଖ ପାଇଁ ଯିବାବେଳକୁ ସେଠାରେ ଦେଖିଲୁ ଯେ, ମାଫିଆମାନେ ବ୍ଲାଷ୍ଟିଂ କରିବା ପାଇଁ ସରଞ୍ଜାମ ପ୍ରସ୍ତୁତକରି ବସିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ସହ କଥା ହେବାପରେ ସେ ମାଫିଆଙ୍କୁ ଚିହ୍ନଟ କରିଥିଲେ। ଭାଜପା ସରକାରରେ ମାଫିଆମାନେ ସର୍ବେସର୍ବା, ତାଙ୍କୁ ଧରିବ କିଏ ବୋଲି କହି ସଦସ୍ୟ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

DSPL-427

# ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

**୫ ବର୍ଷରେ ୭ ଥର**

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




## ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫ୍ଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫ୍ଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍ଆର୍-୧, ଭିଟାମିନ୍-କ***,ପିସିଭି ବୁଷ୍ଟର, ଜେଇ-୧**ଏଫ୍ଆଇପିଭି-୩ |
| ୧୬-୨୪ମାସ | ଏମ୍ଆର୍-୨,ଭିଟାମିନ୍-କ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ବୁଦ୍ଧିମାନ ହୁଅନ୍ତୁ! ଟୀକାକରଣ ନିଶ୍ଚୟ କରାନ୍ତୁ!
facebook.com/HFWOdisha http://www.health.odisha.gov.in/ @HFWOdisha
National Health Mission
OIPR-10003/13/0133/2425

# ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚିପାରୁନି ପୋଲିସ

## ଖୋର୍ଦ୍ଧାରେ ବଢ଼ିଚାଲିଛି ବ୍ରାଉନ୍‌ସୁଗାର କାରବାର

ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। କୋଲକାତାରୁ ବାଲେଶ୍ୱର, ଜଳେଶ୍ୱର ଆଦି ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାରେ ପହଞ୍ଚୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲା ପୁରୀ ନିକଟବର୍ତ୍ତୀ ଅଞ୍ଚଳକୁ ପଠାଯାଉଛି। ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି କାରବାର କାୟାବିସ୍ତାର କରିବାରେ ଲାଗିଛି। କମ୍ ସମୟରେ ଅଧିକ ଅର୍ଥ ରୋଜଗାର ଆଶାରେ ଯୁବପିଢ଼ି ଏହି କାରବାରରେ ସାମିଲ ହୋଇ ବିପଦଗାମୀ ହେବା ସହ ଆପରାଧିକ ମାମଲାରେ ଜଡ଼ିତ ରହୁଛନ୍ତି। ଏପରିକି ମହିଳାମାନେ ମଧ୍ୟ ଏହି କାରବାରରେ ସାମିଲ ହୋଇ ଧରାପଡୁଥିବା ନଜିର ରହିଛି। ଅନ୍ୟପଟେ ଏସ୍‌ଟିଏଫ୍, ଅବକାରୀ ବିଭାଗ ଏବଂ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ତେବେ ଚଢ଼ାଉ ବେଳେ ଛୋଟ ବେପାରୀମାନେ ଧରାପଡୁଥିବା ବେଳେ ଏହି କାରବାରର ମାଷ୍ଟରମାଇଣ୍ଡଙ୍କ ନିକଟରେ ପହଞ୍ଚିପାରୁନି ପୋଲିସ, ଯାହାକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଖୋର୍ଦ୍ଧାକୁ ଦୈନିକ ପ୍ରାୟ କେଜିଏରୁ ଉର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ବିଭିନ୍ନ ଗଳାବାଟ ଦେଇ ଆସୁଥିବା ଜଣାପଡ଼ିଛି। ହୋଲସେଲର, ଖୁଚୁରା ବ୍ୟବସାୟୀ ପର୍ଯ୍ୟନ୍ତ ବହୁ ବେପାରୀ ରହିଛନ୍ତି। ପରିବା, ଗ୍ରସେରି, ଫୁଟ୍‌ପାଥ୍ ବ୍ୟବସାୟ, ମୋବାଇଲ ଦୋକାନ ଆଳରେ କେତେଜଣ ବ୍ୟବସାୟୀ ବ୍ରାଉନ୍‌ସୁଗାର ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ବ୍ରାଉନ୍‌ସୁଗାର କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ ଏକାଧିକ ବନ୍ଧୁକ ମଧ୍ୟ ପୋଲିସ ଜବତ କରିଛି। ଖୋର୍ଦ୍ଧା ସହର ନିଶା କାରବାରର ହବ୍ ପାଲଟିଥିବା ବେଳେ ଚୋରା ବନ୍ଧୁକ କାରବାର ମଧ୍ୟ ବଢ଼ିଚାଲିଛି। ତେବେ ଏହି ବନ୍ଧୁକ କେଉଁଠାରୁ ଆସୁଛି, କିଏ ଏମାନଙ୍କୁ ଯୋଗାଉଛି। ତାହାର ଖୋଳତାଡ଼ କରାଗଲେ ଗୁମର ଖୋଲିବ ବୋଲି କୁହାଯାଉଛି। ବ୍ରାଉନ୍‌ସୁଗାର କାରବାରରେ ଗତ ୪ବର୍ଷ ମଧ୍ୟରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଶହେରୁ ଉର୍ଦ୍ଧ୍ୱ ଯୁବକ ରହିଥିବା ପୋଲିସ କହିଛି। ଏନେଇ ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିବା ବେଳେ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବ୍ରାଉନ୍‌ସୁଗାର କବଳରେ ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ ହେବାକୁ ବସିଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ସେହିପରି ଗତ ୪ବର୍ଷ ମଧ୍ୟରେ ଏହି କାରବାରରେ ସମ୍ପୃକ୍ତି ନେଇ ୨୦ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଜଣେ ମହିଳା ଏହି କାରବାରରେ ମାତିଛନ୍ତି। ବିଭିନ୍ନ ଛକ, ଶୂନଶାନ ସ୍ଥାନରେ ଗ୍ରାହକଙ୍କୁ ବ୍ରାଉନ୍‌ସୁଗାର ପହଞ୍ଚାଉଛନ୍ତି। ଜେଲ ଭିତରେ ଭାଇ ଏବଂ ବାହାରେ ଭଉଣୀ ଏହି କାରବାରର ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ କିଛି ବର୍ଷ ତଳେ ବ୍ରାଉନ୍‌ସୁଗାର କାରବାରର କିଙ୍ଗ୍‌ପିନ୍ କୁହାଯାଉଥିବା ଗୁରୁଜଙ୍ଗର ଛୋଟାଙ୍କୁ ଟାଉନ ପୋଲିସ ଧରିବା ପରେ ଆଉ ବଡ଼ ବେପାରୀଙ୍କୁ ଧରିବାରେ ପୋଲିସ ଧରିପାରିନାହିଁ। ବ୍ରାଉନ୍‌ସୁଗାର କାରବାରର ସାମ୍ରାଜ୍ୟ ବଢ଼ିଚାଲିଥିବା ବେଳେ ଏହା ଉପରେ ନିୟନ୍ତ୍ରଣ ଆବଶ୍ୟକ। ନଚେତ୍ ଆଗାମୀ ଦିନରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ତେବେ ଏ ସମ୍ପର୍କରେ ଏସ୍‌ପି ସାଗରିକା ନାଥ କହିଛନ୍ତି, ଖୋର୍ଦ୍ଧାକୁ ନିଶାମୁକ୍ତ ଲାଗି ଆଣ୍ଟି ନାର୍କୋଟିକ୍ସ ଟିମ୍ ଗଠନ କରାଯାଇଛି। ଏହିସହ ସବୁ ଥାନା ଅଞ୍ଚଳରେ ତୀକ୍ଷଣ ନଜର ରଖାଯାଇଛି। ଯୁବ ସମାଜ ଏଥିରେ ସମ୍ପୃକ୍ତି ଚିନ୍ତାଜନକ ବିଷୟ। ଏଥିଲାଗି ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ।

## ୧୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଜଟଣୀ,୧୮।୩(ରବୀନ୍ଦ୍ରନାଥ ମହାକୁଡ଼)

ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଖୁଦୁପୁର ଅଞ୍ଚଳର ସନ୍ତୋଷ କୁମାର ପାଣ୍ଡିଆ ଓରଫ ଡୁଗୁଲା(୩୬) ଏବଂ ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଅଞ୍ଚଳର ବିଦ୍ୟାଧର ନାୟକ(୨୩)। ଏମାନଙ୍କ ନିକଟରୁ ୧୩ ଗ୍ରାମ ବ୍ରାଉନ୍‌ସୁଗାର ଏବଂ ଏକ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୨୧/୨୫)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ଖୁଦୁପୁର ଛକ ନିକଟରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବ୍ରାଉନ୍‌ସୁଗାର ଏବଂ ବାଇକ୍ ଜବତ କରିଥିଲା। ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗାର ଆଣି ଜଟଣୀ ଅଞ୍ଚଳରେ ବିକ୍ରି କରୁଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।


ଗିରଫ ଦୁଇ ଅଭିଯୁକ୍ତ ଏବଂ ଜବତ ହୋଇଥିବା ବ୍ରାଉନ୍‌ସୁଗାର ଓ ବାଇକ୍।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବେଗୁନିଆ,୧୮।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯୫/୨୫) ରୁଜୁକରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦୀପକ ଜୁଝାରସିଂହ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ନେଇ ଗତ ଶନିବାର ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

## ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକସଭା

ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଏକ ଶୋକ ସଭା କଳିଙ୍ଗ ପାଇକ ସଙ୍ଗଠନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭୀମସେନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଦେବେନ୍ଦ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଦେବେନ୍ଦ୍ରଙ୍କ ରାଜନୈତିକ ପୃଷ୍ଠଭୂମି, ସାମାଜିକ ସେବା ଉପରେ ଆଲୋକପାତ କରିଥିଲେ। ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ବେଲେଶ୍ୱର ଯୁଝାରସିଂହ, ଆଡଭୋକେଟ ବସନ୍ତ କୁମାର ଦାଶ, ବଂଶୀଧର ଦାସ, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସୁଷମା ପ୍ରଧାନ, ବାଇଧର ମିଶ୍ର, ଲକ୍ଷ୍ମୀଧର ସାମନ୍ତରାୟ, ସର୍ବେଶ୍ୱର ଜୟସିଂହ, ବିଦ୍ୟାଧର ଲେଙ୍କା, ପ୍ରଫୁଲ୍ଲ କୁମାର ଦାସ, ଗତିକୃଷ୍ଣ ଉତ୍ତରକବାଟ, ନିରାକାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତୀର୍ଥଯାତ୍ରାରେ ଗଲେ ୧୬୯ ବରିଷ୍ଠ ନାଗରିକ


ଅତିଥିମାନେ ପତାକା ଦେଖାଇ ତୀର୍ଥଯାତ୍ରୀ ବସ୍‌ର ଶୁଭାରମ୍ଭ କରୁଛନ୍ତି।

### ଅଯୋଧ୍ୟା-ବାରାଣସୀ ବୁଲିବେ

ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୧୬୯ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଛନ୍ତି। ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲଠାରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ୫ ଜଣ ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା-ବାରାଣସୀ ଅଭିମୁଖେ ଯାତ୍ରା କରିବେ। ମଙ୍ଗଳବାର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପତାକା ଦେଖାଇ ତୀର୍ଥଯାତ୍ରୀ ବସ୍ ଶୁଭାରମ୍ଭ କରିଥିଲେ। ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ସହ ସୁରକ୍ଷା ଅଧିକାରୀଙ୍କ ସହ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ଅଧିକାରୀ ମୀରା କୁମାରୀ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁ ଦାଣ୍ଡରେ ଯୁବକଙ୍କୁ ମାଡ଼ମାରି ବସଉଠ କରାଇଲେ

### ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ବେଗୁନିଆ,୧୮।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଞ୍ଚଳରେ ଅସାମାଜିକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ମଙ୍ଗଳବାର ଗଡ଼ମାଣତୀର ଗାଁ ଦାଣ୍ଡରେ ଜଣେ ଯୁବକଙ୍କୁ ମାଡ଼ ମରାଯିବା ସହ ତାଙ୍କୁ କାନ ଧରି ବସଉଠ କରାଯାଇଥିବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଛି। ଏନେଇ ଆହତ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବେଗୁନିଆ ଥାନା ଛତ୍ରପଡ଼ା ଗ୍ରାମର ଜଣେ ୨୨ବର୍ଷୀୟ ଯୁବକ କାମ ଅନ୍ୱେଷଣରେ ବିଦେଶ ବାହାରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ତାଙ୍କୁ ସ୍ଥାନୀୟ ଗଡ଼ମାଣତୀର ଗ୍ରାମର ଜଣେ ଯୁବକ ଏବଂ ତାଙ୍କର ସହଯୋଗୀ ଗାଁ ଦାଣ୍ଡରେ ଅଟକାଇଥିଲେ। ପରେ କୌଣସି କାରଣକୁ ନେଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରିକି କାନ ଧରି ବସଉଠ କରାଇଥିଲେ। ପରେ ସ୍ଥାନୀୟ ଲୋକେ ଆସିଯିବାରୁ ସେମାନେ ପଳାଇଯାଇଥିଲେ। ଏହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ତେବେ ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର, ବାଇକ୍ ଜବତ: ୨ ଗିରଫ

ବେଗୁନିଆ,୧୮।୩(ହର ପ୍ରସନ୍ନ ପଣ୍ଡା)

ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି କରିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଲୋକନାଥ ମହାରଣା ଏବଂ ମାନସ ପାଇକରାୟ। ଏମାନଙ୍କ ନିକଟରୁ ଗୋଟିଏ ବାଇକ୍ ଏବଂ ୨୫କେଭି ଟ୍ରାନ୍ସଫର୍ମର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୯୯/୨୫) ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ବୋଲି ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ସୂଚନା ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମ ମୁଣ୍ଡରେ ଥିବା ୨୫ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ସୋମବାର ବିଳମ୍ବିତ ରାତିରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଚୋରି କରିନେଉଥିଲେ। ସ୍ଥାନୀୟ ଗ୍ରାମବାସୀ ଜାଣିପାରି ଉଭୟଙ୍କୁ ଧରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଟ୍ରାନ୍ସଫର୍ମର ଏବଂ ବାଇକ୍ ସହିତ ଅଭିଯୁକ୍ତଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ।

## ସୁଦର୍ଶନଙ୍କ ସ୍ମୃତିଚାରଣ

ବେଗୁନିଆ,୧୮।୩(ସନ୍ଧ୍ୟାରାଣୀ ମିଶ୍ର)

କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ସୁଦର୍ଶନ ସାହୁଙ୍କ ତ୍ରୟୋଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗପ୍ରେମୀ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ପାଲା ଗାୟକ ବିଶ୍ୱନାଥ ପଣ୍ଡାଙ୍କ ସଂଯୋଜନାରେ ଟିକାତାଲସ୍ଥିତ ଶ୍ରୀରାମ କୃଷ୍ଣ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାଗବତାନନ୍ଦ ପୁରୀ ମୁଖ୍ୟ ଅତିଥି, ସ୍ଥାନୀୟ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ମୁଖ୍ୟ ବକ୍ତା, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗଦେଇ ସୁଦର୍ଶନଙ୍କ କର୍ମମୟ ଜୀବନ ଉପରେ ସ୍ମୃତିଚାରଣ କରିଥିଲେ। ଶେଷରେ ଜ୍ୟେଷ୍ଠ ପୁତ୍ର ଦିଲୀପ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମଧୁମିତା


@ ପ୍ରଶାନ୍ତ



@ ରାଜକୁମାର


@ ସୋମନାଥ


@ ତୃପ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅସରଳାରେ ଡାକମେଳା

ବୋଲଗଡ଼,୧୮।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ହରିହର ବିଦ୍ୟାପୀଠ ପରିସରରେ ଗ୍ରାମ୍ୟ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଅସରଳା ଗ୍ରାମ ପୋଷ୍ଟାଲ ଅଧିକାରୀ ମୁସ୍କାନ ସବାନା ପରଭିନ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମିଳନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥିଭାବେ ଭାରତୀୟ ଡାକ ପ୍ରଶାସନିକ ଅଧିକାରୀ ବିଷ୍ଣୁ ରାଜ ଏବଂ ବରିଷ୍ଠ ଡାକ ଅଧୀକ୍ଷକ ତାରିଣୀ ଚରଣ ପାଢୀ ଯୋଗଦେଇ ଡାକମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ସହକାରୀ ଡାକ ଅଧୀକ୍ଷକ ଦେବଦତ୍ତ ଜେନା ଯୋଗଦେଇ କହିଥିଲେ, ସରକାର ଡାକ ବିଭାଗ ଡିଜିଟାଲ ମାଧ୍ୟମରେ ସେବା ଯୋଗାଇ ଦେଇଥିବାରୁ ବର୍ତ୍ତମାନ ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ସଞ୍ଚୟ, ନୂତନ ଆଧାର କାର୍ଡ ପ୍ରଦାନ, ଆଧାର ସଂଶୋଧନ, ମୋବାଇଲ ଲିଙ୍କ, ସୁକନ୍ୟା ଯୋଜନା, ସ୍ଥାୟୀଜମା, ଗ୍ରାମ୍ୟ ପୋଷ୍ଟ ଅଫିସରୁ ବିଭିନ୍ନ ବ୍ୟାଙ୍କରେ ଥିବା ଜମା ଟଙ୍କା ଉଠାଣ ଓ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ସଂଗ୍ରହ ଆଦି ସୁବିଧାରେ ପାଇପାରିବେ। ନିଜ ଗ୍ରାମ ପୋଷ୍ଟ ଅଫିସରେ ଅଧିକ ଜମା ରଖିବା ପାଇଁ କହିଥିଲେ। ଡାକବିଭାଗ କର୍ମଚାରୀଙ୍କ ସମେତ ବିପନ୍ନ ମହାଭୋଇ, ପ୍ରଶାନ୍ତ ପାଇକରାୟ, ଲିଙ୍ଗରାଜ ମହାପାତ୍ର, ମିଳନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୧୮।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଯୁଗଳ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷାବିତ୍ ବାଙ୍କନିଧି ବାରିକଙ୍କ ସଂଯୋଜନା କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଓଡ଼ିଶୀ ସଂକୀର୍ତ୍ତନର କାର୍ଯ୍ୟକାରୀ ସଭାପତି ତଥା ସରପଞ୍ଚ ଲାବଣ୍ୟ ଜୟସିଂହ, ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଲୁପ୍ତ ହୋଇଯାଉଥିବା ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ନୂତନ ପିଢ଼ିର ଯୁବକମାନେ ପ୍ରୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗଣେଶ୍ୱର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ପରେ ବୋଲଗଡ଼ର ବାବା ବାଲୁଙ୍କେଶ୍ୱର ଦେବ ନାଟ୍ୟ ସଂସଦ ପକ୍ଷରୁ କାଳୀୟ ଦଳନ ନାଟକ ପରିବେଷଣ ହୋଇଥିଲା।


ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

## ୯୯ ବର୍ଷରେ ଗୋଡ଼ିପଡ଼ା ଦୋଳ ମେଳଣ

ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ୍ ଗୋଡ଼ିପଡ଼ାରେ ଅନୁଷ୍ଠିତ ହୋଇଯାଇଛି ଦୋଳ ମେଳଣ ଉତ୍ସବ। ହୋଲି ରାତିରେ ଠାକୁରମାନେ ବିମାନରେ ପଟୁଆରରେ ଆସି ମେଳଣ ପଡ଼ିଆରେ ନିଜ ଆସନରେ ବିଜେ କରିଥିଲେ। ବାବା ବାଲୁଙ୍କେଶ୍ୱର ହେଉଛନ୍ତି ଥାନପତି। ମେଳଣ କମିଟି ପକ୍ଷରୁ ଆମନ୍ତ୍ରଣ ପାଇ ୩୦ଖଣ୍ଡ ଗ୍ରାମର ଠାକୁର ଗୋଡ଼ିପୋଡ଼ା ମେଳଣ ପଡିଆରେ ବିରାଜମାନ କରିଥିଲେ। ମେଳଣ କମିଟି ସୂଚନା ପ୍ରକାରେ, ଚଳିତ ବର୍ଷ ମେଳଣ ୯୯ବର୍ଷରେ ପଦାର୍ପଣ କରିଛି। ରୀତିନୀତି ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ହୋଇଛି। ଅନ୍ତିମ ଦିବସରେ ଭକ୍ତ ଓ ଠାକୁରଙ୍କ ଅବରି ଖେଳ ପରେ ମଙ୍ଗଳବାର ଭୋରୁ ଠାକୁରମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଦୋଳ କମିଟି ସଭାପତି ଯୋଗେନ୍ଦ୍ର ନାଥ ମହାପାତ୍ର କୁହନ୍ତି, ଗାଁ ସଂସ୍କୃତି ପରମ୍ପରା ସହ ଯୋଡ଼ିହୋଇ ରହିଛି ଏହି ମେଳଣ ଉତ୍ସବ। ଏହି ସମୟରେ ଗାଁରେ ୩ଦିନ ବ୍ୟାପୀ ଉତ୍ସବ ଲାଗି ରହିଥାଏ। ଦୋଳ ଉତ୍ସବ ଭାଇଚାରାର ବାର୍ତ୍ତା ଦେଇଥାଏ। ବରିଷ୍ଠ ଖବରଦାତା ଲୋହିତ ମହାପାତ୍ର କୁହନ୍ତି, ଦୋଳ ଉତ୍ସବ ହେଉଛି ଓଡ଼ିଶାର ଏକ ଗଣପର୍ବ। ସବୁଠି ଉତ୍ସାହର ମାହୋଲ ରହିଥାଏ। ଏହି ସଂସ୍କୃତି, ପରମ୍ପରା ଗାଁ ଗାଁ ମଧ୍ୟରେ ସମ୍ପର୍କର ନିବିଡ଼ତା ବଢିଥାଏ। ଲୋକେ ମେଳଣ ପଡିଆରେ ଠାକୁରଙ୍କ ଦର୍ଶନ ସହ ବୁଲାବୁଲି, କିଣାକିଣିର ମଜା ନେଇଥିଲେ। ଦୀର୍ଘଦିନ ଧରି ଗାଁ ଠାରୁ ଦୂରରେ ରହିଥିବା ଯୁବପିଢି, ବନ୍ଧୁମାନେ ଏହି ସମୟରେ ଏକାଠି ହୋଇ ମଜା ଉଠାଇଥାନ୍ତି ବୋଲି ମହାପାତ୍ର କହିଛନ୍ତି।



**ଆଜି ୫ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ**

ପୁରୀ,(ଅଜିତ୍ କୁମାର ମହାନ୍ତି):ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ସମୟରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ନୀତି ଶେଷ ହେବାପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ।

## ସଂକ୍ଷେପରେ

### ନନ୍ଦନକାନନରେ ଏମୁ ଶାବକ ଜନ୍ମ, ମାଣ୍ଡାରିନ ବତକ, ଚିତ୍ରାହରିଣ ମୃତ

ତ୍ରିଶୂଳିଆ,୧୮।୩
(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନର ବନ୍ୟପ୍ରାଣୀ ଚିକିତ୍ସାଳୟରେ ମଙ୍ଗଳବାର ୬ଟି ଏମୁ ପକ୍ଷୀ ଅଣ୍ଡା ମଧ୍ୟରୁ ଗୋଟିଏ ଛୁଆ ଫୁଟିଥିବା ଜଣାପଡ଼ିଛି। ଉକ୍ତ ଶାବକଟି ସୁସ୍ଥ ଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପଟେ ପାଦଚଲା ବିହଙ୍ଗ ସରଣୀରେ ରହୁଥିବା ଏକ ମାଣ୍ଡାରିନ ବତକର ମଙ୍ଗଳବାର ମୃତ୍ୟୁ ଘଟିଛି। କର୍ମଚାରୀ ସକାଳେ ଖୁଆଡ଼ ଝାଡୁ କଲାବେଳେ ବତକଟି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। କିଛିଦିନ ହେବ ସେ ଥଣ୍ଡା ଓ ଜ୍ୱରରେ ପୀଡ଼ିତ ଥିଲା। ପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିବାବେଳେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜାଣିବାକୁ ଶବ ବ୍ୟବଚ୍ଛେଦ କରାଯାଇଛି। ସାଧାରଣତଃ ଏହି ପ୍ରଜାତିର ବତକ ଚାଇନା, ଜାପାନ ତଥା ପୂର୍ବ ଏସିଆରେ ଦେଖାଯାଆନ୍ତି। ସେହିପରି ଗତ ସୋମବାର ୬୮ ନଂ. (କ) ଖୁଆଡ଼ରେ ରହୁଥିବା ଏକ ବୟସ୍କ ଚିତ୍ରା ହରିଣର ମୃତ୍ୟୁ ଘଟିଛି। ସାଧାରଣତଃ ଏହି ପ୍ରଜାତିର ହରିଣ ପଞ୍ଜାବ ବ୍ୟତୀତ ଭାରତର ଅନ୍ୟ ସ୍ଥାନରେ ଦେଖାଯାଆନ୍ତି।

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

ତ୍ରିଶୂଳିଆ,୧୮।୩
(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ନରାଜ ମାର୍ଥାପୁର ଗ୍ରାମପଞ୍ଚାୟତକ ନରାଜ ଶବର ସାହି ନିକଟରେ ଏକ ସରକାରୀ ଜାଗାରୁ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ମଙ୍ଗଳବାର ଜବତ ହୋଇଛି। ଉକ୍ତ କାଠକୁ କେହି ବ୍ୟକ୍ତି କାଟି ମଙ୍ଗଳବାର ନେବାକୁ ଯୋଜନା କରୁଥିବାବେଳେ ସ୍ଥାନୀୟ ଲୋକେ ବନ ବିଭାଗ, ତହସିଲକୁ ଖବର ଦେଇଥିଲେ। ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତିରଞ୍ଜନଙ୍କ ନିର୍ଦ୍ଦେଶକ୍ରମେ ଏଆର୍‌ଆଇ ଛବିରାମ ସେଠୀ, ଭଗିପୁର ସେକ୍ସନର ଫରେଷ୍ଟର ଅନାମ ହେମ୍ବ୍ରମ ଓ ଆଣ୍ଟି ପଞ୍ଚିଂ ସ୍କ୍ୱାର୍ଡର ଯଶୋବନ୍ତ ନାୟକ, ନାରାୟଣ ନାୟକ, ଜଳଧର ରାଉତ ପ୍ରମୁଖ ସେଠାରେ ପହଞ୍ଚି ଚଢ଼ାଉ କରିଥିଲେ। ଚଢ଼ାଉବେଳେ ସେଠାରୁ ସମସ୍ତେ ଖସି ପଳାଇଥିବା ଜଣାପଡ଼ିଛି। ତେବେ ୧୫ଟି ଶାଗୁଆନ କାଠ ଖଣ୍ଡକୁ ଜବତ କରି ଭଗିପୁର ଅଫିସକୁ ଅଣାଯାଇଛି। ଉକ୍ତ ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଜବତ କାଠର ମୂଲ୍ୟ ୩ରୁ ୪ ଲକ୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, ସରକାରୀ ଜାଗାଟି ଗ୍ରାମ୍ୟ ଉନ୍ନତି ମୂଳକ ପାଇଁ ସଂରକ୍ଷିତ ଥିବାବେଳେ କେତେଜଣ ମନ୍ଦବୁଦ୍ଧି ଲୋକ ସେ ଜାଗାରେ ଥିବା ଗଛ ବିକ୍ରି କରିବା ସହ ଉକ୍ତ ଜାଗାକୁ ବାହାର ଲୋକଙ୍କୁ ବିକୁ ଥିବାର ଅନେକ ଦିନ ହେବ ଅଭିଯୋଗ ହୋଇଆସୁଥିଲା। ଏଥିସହ ସେହି ସ୍ଥାନରେ ଅନେକଗୁଡ଼ିଏ ଘର ନିର୍ମାଣ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି।

# ନଦୀ ପୁନରୁଦ୍ଧାର ପାଇଁ ପ୍ରୟାସ

## ଗଙ୍ଗୁଆ ନଦୀର ସୁରକ୍ଷା ଓ ସଂରକ୍ଷଣ ଲାଗି ଅଣ୍ଟାଭିଡ଼ିଲା ଅଲ୍ ଥିଙ୍କ୍ସ ଓଡ଼ିଶା

ଭୁବନେଶ୍ୱର, ୧୮।୩ (ବନ୍ଦନା ସେଠୀ)

ଅଲ ଥିଙ୍କ୍ସ ଓଡ଼ିଶା ପକ୍ଷରୁ ଓଡ଼ିଶା ମନସ୍କ ସର୍କଲର ଅଷ୍ଟମ ସଂସ୍କରଣ ମଙ୍ଗଳବାର ଶହୀଦନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍, ଐତିହ୍ୟ ସଂରକ୍ଷକ, ଶିକ୍ଷାବିତ୍ ଏବଂ ସଚେତନ ନାଗରିକମାନେ ଏକାଠି ହୋଇ 'ମରିଯାଉଥିବା ନଦୀ, ମରିଯାଉଥିବା ପରମ୍ପରା: ଆମେ ଓଡ଼ିଶାର ନଦୀଗୁଡ଼ିକୁ ରକ୍ଷା ନ କରି ଓଡ଼ିଶାର ସାମାଜିକ-ସାଂସ୍କୃତିକ ପରିଚୟ ରକ୍ଷା କରିପାରିବା କି' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ରାଜ୍ୟରେ ଲୁପ୍ତ ହେବାକୁ ବସିଥିବା ନଦୀଗୁଡ଼ିକୁ ପୁନରୁଦ୍ଧାର କରାଯିବାର ଆବଶ୍ୟକତା ଉପରେ ସମାବେଶରେ ମତ ପ୍ରକାଶ ପାଇଥିଲା। ଓଡ଼ିଶାର ନଦୀଗୁଡ଼ିକର ଐତିହାସିକ ମହତ୍ତ୍ୱ, ଏହାର କୂଳରେ ଥିବା ସାଂସ୍କୃତିକ ଐତିହ୍ୟ ଏବଂ ସହରାଞ୍ଚଳ ଜବରଦଖଲ, ପ୍ରଦୂଷଣ ଓ ଅବହେଳା କାରଣରୁ ଏହି ଲାଇଫଲାଇନଗୁଡ଼ିକ କିଭଳି ଭୟଙ୍କର ଗତିରେ ଖରାପ ହେଉଛି ସେନେଇ ଆଲୋଚନା ହୋଇଥିଲା।

ପ୍ରାଥମିକ ଭାବେ ଐତିହାସିକ ଗଙ୍ଗୁଆ ନଦୀର ସୁରକ୍ଷା ଓ ସଂରକ୍ଷଣ ଉପରେ କାମ କରିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇଥିଲେ। ଐତିହାସିକ ଦୃଷ୍ଟିରୁ ଗନ୍ଧବତୀ ନାମରେ ପରିଚିତ ଏହି ନଦୀ ଏକଦା ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ସାମାଜିକ-ସାଂସ୍କୃତିକ ଢାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ମାତ୍ର ଏବେ ଏହା କେବଳ ନର୍ଦ୍ଦମା ନାଳରେ ପରିଣତ ହୋଇଛି। ଗଙ୍ଗୁଆ ଏବଂ ଅନ୍ୟାନ୍ୟ ବିପନ୍ନ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ସଚେତନତା ଅଭିଯାନ ଆରମ୍ଭ କରିବା, ନୀତିଗତ ହସ୍ତକ୍ଷେପ ପାଇଁ ପ୍ରୟାସ ଏବଂ ଜନସମର୍ଥନ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ନଦୀ ସଂରକ୍ଷକ ସୁଦର୍ଶନ ଦାସ ଏବଂ ଐତିହ୍ୟ ବିଶେଷଜ୍ଞ ଅନୀଲ ଧୀର ପ୍ରମୁଖ ଯୋଗଦେଇ ଓଡ଼ିଶାର ନଦୀଗୁଡ଼ିକର ଐତିହାସିକ, ପରିବେଶଗତ ଓ ସାମାଜିକ-ସାଂସ୍କୃତିକ ଗୁରୁତ୍ୱ ଓ ସଂରକ୍ଷଣର ପ୍ରୟାସ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ଦୀପ ବଳ, ସୋନାଲି ପ୍ରିୟଦର୍ଶିନୀ ଏବଂ ମନିଷା ପରିଚାଳନା କରିଥିଲେ।


ରସୁଲଗଡ଼ର ପ୍ରଭୁ ଗୋପୀନାଥଦେବଙ୍କ ପଞ୍ଚଦୋଳ ମେଳଣ ଅବସରରେ ମଙ୍ଗଳବାର ସୁସଜ୍ଜିତ ବିମାନ। (ଫଟୋ- ମନୋରଞ୍ଜନ ମିଶ୍ର)

## ରସୁଲଗଡ଼ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ

ଭୁବନେଶ୍ୱର,୧୮।୩(ସୌମ୍ୟରଞ୍ଜନ ରାଉତ)

ରସୁଲଗଡ଼ ଗ୍ରାମର ବହୁ ପୁରାତନ ଐତିହ୍ୟ ବିମଣ୍ଡିତ ଶ୍ରୀଗୋପୀନାଥଦେବଙ୍କ ପଞ୍ଚଦୋଳ ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରସୁଲଗଡ଼ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ମେଳଣରେ ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଗୋପୀନାଥଦେବ ଥାନପତି ହୋଇଥିବାବେଳେ ଝାରପଡ଼ାର ଶ୍ରୀପତିତପାବନଦେବ, ଲକ୍ଷ୍ମୀସାଗରର ଶ୍ରୀପତିତପାବନଦେବ, ବଡ଼ଗଡ଼ର ଶ୍ରୀପତିତପାବନ ଦେବ ଏବଂ କୋରଡକଣ୍ଟାର ଶ୍ରୀରାଧାକୃଷ୍ଣଦେବ ଦୋଳବିମାନରେ ରୋଶଣି ସହ ମଣ୍ଡପରେ ଅବସ୍ଥାନ କରିଥିଲେ। ଏହି ଅବସରରେ ଡାଲଖାଇ ସଂକୀର୍ତ୍ତନ ମହାମଣ୍ଡଳୀ ପକ୍ଷରୁ ୧୦ଟି ଦଳ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହା ବ୍ୟତୀତ ଲଉଡ଼ିଖେଳ, ଓଡ଼ିଶୀ ନୃତ୍ୟ, ଛୋଟ ପିଲାମାନଙ୍କ ଦ୍ୱାରା ରାଧାକୃଷ୍ଣ ଲୀଳା ଆଧାରିତ ନୃତ୍ୟ ପରିବେଷଣ ହୋଇଥିଲା। ପରେ ଭୋଗହାଣ୍ଡି ସମର୍ପଣ ସହ ଆତସବାଜି ପ୍ରଦର୍ଶନ କରାଯାଇ ମେଳଣ ସମାପନ କରାଯାଇ ଆଗନ୍ତୁକ ଠାକୁରମାନଙ୍କୁ ମେଲାଣି ଦିଆଯାଇଥିଲା। ସହରୀ ସଭ୍ୟତା ମଧ୍ୟରେ ଓଡ଼ିଶାର ପ୍ରାଚୀନ ସାଂସ୍କୃତିକ ପରମ୍ପରା ପଞ୍ଚଦୋଳ ମେଳଣକୁ ଆଧ୍ୟାତ୍ମିକ ଭାବନାରେ ଭକ୍ତିମୟ ପରିବେଶରେ ଜାକଜମକରେ ମୁରବିମାନଙ୍କ ସହିତ ଯୁବଗୋଷ୍ଠୀଙ୍କ ସହଯୋଗରେ ପାଳନ କରାଯାଇଆସୁଛି। ଏହି ମେଳଣ ପାରସ୍ପରିକ ଭାଇଚାରା ରକ୍ଷାରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି।

## ଆଜିଠୁ ଦାରୁଠେଙ୍ଗ ପଞ୍ଚଦୋଳ ମେଳଣ

ବାରଙ୍ଗ,୧୮।୩
(ଲିଙ୍ଗରାଜ ରାଉତ)

ଦାରୁଠେଙ୍ଗ ଗ୍ରାମର ପ୍ରସିଦ୍ଧ ତଥା ଇଷ୍ଟଦେବ ପ୍ରଭୁ ପରମେଶ୍ୱରଦେବଙ୍କ ପଞ୍ଚଦୋଳ ମେଳଣ ବୁଧବାର ରାତି ୮ଟାରେ ଆରମ୍ଭ ହେବ। ଦାରୁଠେଙ୍ଗ ଗ୍ରାମର ସାତ ସାହି ପକ୍ଷରୁ ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ଆସିବେ। ଏଥର କେରଳ ବାଦ୍ୟ, ଶିକାକୁଲମ୍ ବାଦ୍ୟ, ମୟୂରଭଞ୍ଜ ପାରମ୍ପରିକ ନୃତ୍ୟ, ସମ୍ବଲପୁର ଲୋକକଳା, କଳାହାଣ୍ଡି ଘୁମୁରା, ଘୁଡୁକୀ ନାଚ, କଣ୍ଢେଇ ନାଚ, ଘୋଡ଼ାନାଚ, ଷଣ୍ଢ ନାଚ, ଢୋଲ୍‌କି ବାଦ୍ୟ, ନାଗା ନାଚ, ଗୋଟିପୁଅ ନୃତ୍ୟ, ଜୁନିୟର ମୋଦି, ନବୀନ, ସୁର ଓ ଅଘୋରୀ, ଶିବ ତାଣ୍ଡବ ଆଦି ପାରମ୍ପରିକ ବାଦ୍ୟ ଦେଖିବାକୁ ମିଳିବ। ଏହି ଗ୍ରାମର ମୁରବିଙ୍କ ନିଷ୍ପତ୍ତି ମୁତାବକ କମ୍ ଶବ୍ଦ କରୁଥିବା ଡିଜେ ସାଉଣ୍ଡ ବ୍ୟବହାର କରାଯିବ। ପ୍ରଶାସନ ସହ ହୋଇଥିବା ନିଷ୍ପତ୍ତି ମୁତାବକ ପ୍ରତି ସାହି ପକ୍ଷରୁ ଆସିବାକୁ ଥିବା ଦୋଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ରାମ ପରିକ୍ରମା କରିବେ। ପରମେଶ୍ୱର ଦେବଙ୍କ ସହ ଚନ୍ଦ୍ରଶେଖର ଦେବ, ରାଧାକୃଷ୍ଣ ଦେବ, ଗୋପାଳଜୀଉ ଦେବ ଓ କଣ୍ଟାବାଡ଼ର ଗୋପୀନାଥ ଦେବ ଆଦି ଠାକୁରମାନେ ସାମିଲ ହୋଇ ଗ୍ରାମ ପରିକ୍ରମା କରିବେ। ବାଜା, ବାଣ, ରୋଶଣି, ଆଲୋକମାଳା, ରଙ୍ଗ ଅବିରରେ ଗାଁ ଦାଣ୍ଡ ଦୁଲୁକିବାକୁ ଯାଉଥିବାରୁ ଗ୍ରାମବାସୀ ଉତ୍ସାହିତ ଅଛନ୍ତି।

## 'କରୁଣା' ପୁସ୍ତକର ଓଡ଼ିଆ, ହିନ୍ଦୀ ସଂସ୍କରଣ ଲୋକାର୍ପିତ

ଭୁବନେଶ୍ୱର,୧୮।୩ (ସୌମ୍ୟରଞ୍ଜନ ରାଉତ)

'ଲେଖାଲେଖି' ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ ଔପନ୍ୟାସିକ ଇଂ. ଏମ୍. ପି. ସିଂହଙ୍କ ପ୍ରଥମ ଉପନ୍ୟାସ 'କରୁଣା'ର ଉଭୟ ଓଡ଼ିଆ ଓ ହିନ୍ଦୀ ସଂସ୍କରଣ ବୁଦ୍ଧ ମନ୍ଦିରଠାରେ ମଙ୍ଗଳବାର ଲୋକାର୍ପିତ ହୋଇଯାଇଛି। ଶିକ୍ଷାବିତ୍ ଡ. କମଳା ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଲେଖକ ଦାଶ ବେନହୁର ଯୋଗଦେଇ ସମାଜରେ ବଦଳୁଥିବା ଘଟଣାକ୍ରମକୁ ନେଇ ସାହିତ୍ୟରେ ପରିପ୍ରକାଶ ଭବିଷ୍ୟତ ପାଇଁ ଇତିହାସ ହୋଇରହିଛି ଓ ରହିବ ବୋଲି କହିଥିଲେ। 'ଲେଖାଲେଖି'ର ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା କହିଲେ ଯେ, କରୋନା କାଳରେ ଜଣେ ବେସାହାରା ମହିଳା ସଫେଇ କର୍ମଚାରୀ କରୁଣାର କରୁଣ କାହାଣୀକୁ ନେଇ ବହିଟି ଖୁବ ଉଚ୍ଚକୋଟୀର ହୋଇଛି। ଲେଖକୀୟ ଅଭିବ୍ୟକ୍ତିରେ ଇଂ. ସିଂହ ଉପନ୍ୟାସର କାରୁଣିକ ଘଟଣାକ୍ରମକୁ ବର୍ଣ୍ଣନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଲେଖିକା ଡ. ସୁଷମା ମିଶ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇ ସାହିତ୍ୟ ଓ ସମାଜକୁ ନେଇ ସାହିତ୍ୟ ଧାବମାନ ହେଉଥାଏ ବୋଲି କହିଥିଲେ। ଶେଷରେ ମୌସୁମୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଅଟୋ-କାର୍ ଧକ୍କା

ଭୁବନେଶ୍ୱର,୧୮।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କିଟ୍ ଛକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ଦୁଇ ଅଟୋ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣା ପରେ ଅଟୋ ଓଲଟି ପଡ଼ିବାରୁ ସେଥିରେ ଥିବା କେତେଜଣ ଯାତ୍ରୀ ଚାପି ହୋଇ ଆହତ ହୋଇଛନ୍ତି। ଘଟଣା ପରେ ଲୋକଙ୍କ ଭିଡ଼ ହୋଇଥିଲା। ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ଆହତଙ୍କୁ ହସ୍ପିଟାଲକୁ ପଠାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମଧୁମିତା


@ ପ୍ରଶାନ୍ତ


@ ରାଜକୁମାର


@ ସୋମନାଥ


@ ତୃପ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଇଗ୍ନୁ ବି.ଏଡ୍. ପ୍ରବେଶିକା ପରୀକ୍ଷା ଦୁର୍ନୀତି ଅଭିଯୋଗର ତଦନ୍ତ ଦାବି

ଭୁବନେଶ୍ୱର,୧୮।୩(ସୁଚିସ୍ମିତା ସାହୁ)

ଇଗ୍ନୁ ବି.ଏଡ୍. ପ୍ରବେଶିକା ପରୀକ୍ଷା ଚାଲିଥିବାବେଳେ ରବିବାର ଟେଲିଗ୍ରାମ୍‌ରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ବି.ଏଡ୍. ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ପ୍ରଶ୍ନପତ୍ର ଭାଇରାଲ ପ୍ରଘଟ ପରେ ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପରୀକ୍ଷା ହଲରେ ମୋବାଇଲ, ଇଲେକ୍ଟ୍ରୋନିକ ଘଣ୍ଟା ତଥା କାଲକୁଲେଟର୍ ସମେତ ସମସ୍ତ ପ୍ରକାରର ଅତ୍ୟାଧୁନିକ ବୈଦ୍ୟୁତିକ ଯନ୍ତ୍ର ବାରଣ ଥିଲା। ଆଶାୟୀ ପ୍ରାର୍ଥୀମାନେ ଓଏମ୍‌ଆର୍ ସିଟ୍‌ରେ ଉତ୍ତର ଲେଖିବା ପରେ ପରୀକ୍ଷା ହଲରେ ହିଁ ପ୍ରଶ୍ନପତ୍ର ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଦିନକ ପରେ ପରୀକ୍ଷାର ପ୍ରଶ୍ନପତ୍ର ଗୋଟିଏ ମୋବାଇଲରୁ ଅନ୍ୟ ଏକ ମୋବାଇଲକୁ ଘୂରିବୁଲୁଛି। ଏହି ଘଟଣା ଆଶାୟୀଙ୍କୁ ହତୋତ୍ସାହିତ କରିବା ସହିତ ସରକାରଙ୍କ ପରୀକ୍ଷା ପରିଚାଳନା ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ଅନିୟମିତତାର ନିରପେକ୍ଷ ଯାଞ୍ଚ ଏବଂ ଆଶାୟୀ ପ୍ରାର୍ଥୀଙ୍କୁ ନ୍ୟାୟ ଦେବା ସହ ସ୍ୱଚ୍ଛ ପରୀକ୍ଷା ପରିଚାଳନା ବ୍ୟବସ୍ଥା ପାଇଁ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଏଆଇଏସ୍‌ଏଫ୍ ପକ୍ଷରୁ ଦାବି କରାଯାଇଛି।

ବି.ଏଡ୍. ପ୍ରବେଶିକା ପରୀକ୍ଷା ପାଇଁ ୩୫ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ଆବେଦନ କରିଥିଲେ। ପ୍ରତ୍ୟେକ ଆଶାୟୀ ଆବେଦନ ସମୟରେ ଏକ ହଜାର ଟଙ୍କା ଲେଖାଏ ପରୀକ୍ଷା ଫି' ମଧ୍ୟ ଦାଖଲ କରିଥିଲେ। ବର୍ଷକରେ ଥରେ ହେଉଥିବା ଏହି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷା ନିମନ୍ତେ ହଜାର ହଜାର ଆଶାୟୀ ଅହରହ ପରିଶ୍ରମ କରୁଛନ୍ତି। ପରୀକ୍ଷା ପରିଚାଳନାଗତ ତ୍ରୁଟି କାରଣରୁ ସେମାନଙ୍କୁ ଅନ୍ୟାୟର ଶିକାର ହେବାକୁ ପଡୁଛି। ଭାଇରାଲ ହେଉଥିବା ଫଟୋରେ ପରୀକ୍ଷାର୍ଥୀଙ୍କ ଏନରୋଲମେଣ୍ଟ ନଂ ୯୨୫୦୦୦୬୬୬୫ ଏବଂ ନିରୀକ୍ଷଣ କଲେ ପରୀକ୍ଷାର୍ଥୀଙ୍କ ଫଟୋଟି ଆଂଶିକ ଦେଖାଯାଉଛି। ମୋବାଇଲ ତଥା ଇଲେକ୍ଟ୍ରୋନିକ୍ସ ସରଞ୍ଜାମ ପରୀକ୍ଷା ହଲକୁ ଆସିଲା କିପରି ଓ ପ୍ରଶ୍ନପତ୍ରର ଫଟୋ ଉତ୍ତୋଳନ କିଏ କରିଛନ୍ତି? ଯେଉଁ ବ୍ୟକ୍ତିମାନେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନେଇଥିଲେ, ସେମାନେ କେବଳ ପ୍ରଶ୍ନପତ୍ର ଫଟୋ ଉତ୍ତୋଳନ କରିଛନ୍ତି ନା ମୋବାଇଲର ସାହାଯ୍ୟ ନେଇ ପରୀକ୍ଷା ଦେଇଛନ୍ତି? ଏହି ଘଟଣାରେ ପରୀକ୍ଷା କେନ୍ଦ୍ରର ପରିଚାଳକ ତଥା ଉକ୍ତ ହଲରେ ଥିବା ନିରୀକ୍ଷକଙ୍କ ଗୋଚରରେ ଅଥବା ତାଙ୍କ ଭାଗିଦାରିରେ ଏହି ଅନିୟମିତତା ହୋଇଥିବା ସ୍ପଷ୍ଟ ବାରି ହେଉଛି ବୋଲି ଏଆଇଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।

# ଆଦିବାସୀଙ୍କୁ ଜଙ୍ଗଲ ଅଧିକାର ମାନ୍ୟତା, ଭୂମିହୀନଙ୍କୁ ପଟ୍ଟା ଦିଆଯାଉ

## ସିଏସ୍‌ଡି ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୧୮।୩(ସୁଚିସ୍ମିତା ସାହୁ)

ଆଦିବାସୀମାନେ ଗତ କିଛିବର୍ଷ ହେବ ଜଙ୍ଗଲ ଅଧିକାର ମାନ୍ୟତା ଏବଂ ଭୂମିହୀନମାନେ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଦିବାସୀଙ୍କୁ ଜଙ୍ଗଲ ଅଧିକାର ମାନ୍ୟତା ଏବଂ ଭୂମିହୀନଙ୍କୁ ପଟ୍ଟା ଦେବା ସହିତ ସଂଶୋଧିତ ନିୟମାବଳୀ-୨୦୧୨କୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦାବି ନେଇ 'ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ' (ସିଏସ୍‌ଡି) ପକ୍ଷରୁ ମଙ୍ଗଳବାର ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଏସ୍‌ଡି ଆବାହକ ଗୋପୀନାଥ ମାଝୀଙ୍କ ନେତୃତ୍ୱରେ ବିରଞ୍ଚି ବରିହା, ଗୌତମ ପାତ୍ର, ମଞ୍ଜୁ ଶବର ଓ ଗୁରୁବାରୀ ଶବରଙ୍କୁ ନେଇ ଏକ ପାଞ୍ଚଜଣିଆ ପ୍ରତିନିଧି ମଣ୍ଡଳୀ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପସଚିବ ଲକ୍ଷ୍ମୀଧର ମଲ୍ଲିକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି।



'ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ' ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

ଓଡ଼ିଶାରେ ଜଙ୍ଗଲ ଅଧିକାର ଆଇନ-୨୦୦୬ କାର୍ଯ୍ୟକାରୀ ହେବାର ଦୀର୍ଘ ୧୯ ବର୍ଷ ପରେ ମଧ୍ୟ ଅନେକ ଆଦିବାସୀ ପରିବାରଙ୍କୁ ଜଙ୍ଗଲ କିସମର ମାଲିକାନା ବା ପଟ୍ଟା ପ୍ରଦାନ କରାଯାଇନାହିଁ। ଜଙ୍ଗଲ ଜମି ପଟ୍ଟା ପାଇବା ପାଇଁ ଦରଖାସ୍ତ କରିଥିବା ମୋଟ ୫୯୦୪୯୯ ଆଦିବାସୀ ଏବଂ ୭୫୫୬୭ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ମଧ୍ୟରୁ ୨୦୨୪ ଅଗଷ୍ଟ ପର୍ଯ୍ୟନ୍ତ କେବଳ ୫୬୦୩୮୭ ଜଣ ଆଦିବାସୀ ଏବଂ ୬୨୬ ଅନ୍ୟାନ୍ୟ ବନବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। କୌଣସି କାରଣ ନ ଦର୍ଶାଇ ମନମୁଖି ଭାବେ ଜିଲା ପ୍ରଶାସନ ଦ୍ୱାରା ଅନେକ ଆବେଦନ ନାକଚ କରାଯାଇଛି। ଏହାଦ୍ୱାରା ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ସଂଶୋଧିତ ନିୟମାବଳୀ-୨୦୧୨ ଉଲ୍ଲଂଘନ ହେଉଛି। ତେଣୁ ସିଏସ୍‌ଡି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଗ୍ରାମସଭାକୁ ସଶକ୍ତୀକରଣ କରିବା ପରିବର୍ତ୍ତେ ଦୁର୍ବଳ କରାଯାଉଛି। ପୂର୍ବ ସରକାରଙ୍କ ସମୟରେ ପ୍ରଚଳିତ 'ମୋ ଜଙ୍ଗଲ ଜମି' ଯୋଜନାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କେତେକ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଦ୍ୱାରା ଗ୍ରାମସଭା କ୍ଷମତାକୁ ଅବହେଳା ଓ ସଙ୍କୁଚିତ କରାଯାଉଛି। ଗୋଷ୍ଠୀ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ସମ୍ବଳ ଅଧିକାର ସମ୍ପୃକ୍ତ ଗ୍ରାମର ଗ୍ରାମସଭା ଉପରେ ନ୍ୟସ୍ତ କରି ତା'ର ସୁରକ୍ଷା ଓ ସଂରକ୍ଷଣ କରିବା ଏବଂ ଦାୟିତ୍ୱ ନେବା ଉକ୍ତ ଜଙ୍ଗଲ ଅଧିକାର ଆଇନ-୨୦୦୬ରେ ପ୍ରାବଧାନ ରହିଥିବା ସତ୍ତ୍ୱେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଅନ୍ୟପକ୍ଷରେ ଗ୍ରାମସଭାର ବିନାନୁମତିରେ କଳକାରଖାନା, ଖଣି ଖାଦାନ ପାଇଁ ଆଦିବାସୀଙ୍କ ଦଖଲରେ ଥିବା ଜମିଗୁଡ଼ିକୁ କର୍ପୋରେଟ ହାତକୁ ଟେକି ଦିଆଯାଉଛି। ଲୋକଙ୍କୁ ଅନିଚ୍ଛା ସତ୍ତ୍ୱେ ତାଙ୍କର ଜଙ୍ଗଲ ଜମି ଓ ପ୍ରାକୃତିକ ପରିବେଶରୁ ବିସ୍ଥାପିତ କରାଯାଉଛି। ରାଜସ୍ୱ ବିଭାଗ ସରକାରୀ ଜମିରୁ ବେଆଇନ ଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ନେଇଥିବା ନିଷ୍ପତ୍ତି ଫଳରେ ଗ୍ରାମାଞ୍ଚଳରେ ବସବାସ କରି ରହୁଥିବା ଭୂମିହୀନ ଆଦିବାସୀ, ଦଳିତ ଓ ପଛୁଆବର୍ଗର ପରିବାର ଜମି ଉଚ୍ଛେଦର ଶିକାର ହେଉଛନ୍ତି। ବସୁନ୍ଧରା ଯୋଜନାରେ ଭୂମିହୀନ ଓ ଘରଡ଼ିହଶୂନ୍ୟ ପରିବାରଙ୍କୁ ଚାଷଜମି ଓ ଘରଡ଼ିହ ଜମି ଯୋଗାଇବାର ବ୍ୟବସ୍ଥା ଥାଇ ମଧ୍ୟ ଏମାନଙ୍କୁ ସରକାରୀ ଜମି ବଣ୍ଟନ କରିବା ପରିବର୍ତ୍ତେ ତାଙ୍କୁ ଜମିରୁ ଉଚ୍ଛେଦ କରାଯିବାକୁ ସିଏସ୍‌ଡି ଦୃଢ଼ ବିରୋଧ କରିଛି।

**ରାସ୍ତାରେ ନିଶାସକ୍ତଙ୍କ ଉନ୍ମତ୍ତକାଣ୍ଡ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଚୌଦ୍ୱାର ପୌରପାଳିକା ଅଧୀନ ଓଟିଏମ୍ କଲୋନୀ ରାସ୍ତାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର ମୁଣ୍ଡମାଳ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଯୁବକ ଜଣଙ୍କ ମଦ ପିଇ ପଥଚାରୀ ଓ ଗାଡ଼ି ଚାଳକମାନଙ୍କୁ ଗାଳିଗୁଲଜ କରିବା ସହ ରାସ୍ତା ମଝିରେ ଶୋଇ ରହିଥିଲେ। ଏଥିଯୋଗୁ ପ୍ରାୟ ୨ ଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଆଦେଶ

## ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲକୁ ପ୍ରବେଶ କଟକଣା ମାମଲା



କଟକ,୧୮।୩(କାର୍ତ୍ତିକ ସାହୁ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ସ୍ଥାନୀୟ ଆଦିବାସୀଙ୍କ ପ୍ରବେଶ ଉପରେ କଟକଣା ଲଗାଯିବା ବିରୋଧରେ ରୁଜୁ ମାମଲାରେ ହାଇକୋର୍ଟ ସୋମବାର ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ମୟୂରଭଞ୍ଜ ଜିଲା ଗୁଡ଼ଗୁଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଯମୁନାଗଡ଼ ଗ୍ରାମର ଲୋକମାନେ ମୁଣ୍ଡା ଆଦିବାସୀ ସମ୍ପ୍ରଦାୟର। ସେମାନେ ଜଙ୍ଗଲରେ ରହିବା ସହ ନିଜର ଜୀବିକାର୍ଜନ ପାଇଁ ନିକଟସ୍ଥ ଜଙ୍ଗଲ ଉପରେ ନିର୍ଭର କରନ୍ତି। ଯମୁନାଗଡ଼ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକମାନେ ନିଜ ବାସସ୍ଥାନରୁ ଉଚ୍ଛେଦ ହୋଇଛନ୍ତି। କାହିଁ କେଉଁ କାଳରୁ ସେମାନେ ବାସ କରୁଥିବା ଜଙ୍ଗଲରୁ ଉଚ୍ଛେଦ ହୋଇଥିଲେ ବି ସେଠାରେ ସେମାନଙ୍କ ଶ୍ମଶାନ ଓ ପୂଜା କରୁଥିବା ବୃକ୍ଷଦେବତା ରହିଥିବାରୁ ସେହି ସ୍ଥାନକୁ ସେମାନେ ଯିବାଆସିବା କରନ୍ତି। ମାତ୍ର ମହାରାଷ୍ଟ୍ରରୁ ଏକ ବ୍ୟାଘ୍ର ଅଣାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏବେ ସେହି ବ୍ୟାଘ୍ରକୁ ଠାବ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସେଥିପାଇଁ ଜଙ୍ଗଲ ମଧ୍ୟକୁ ଆଦିବାସୀଙ୍କ ଯିବାଆସିବା ଉପରେ କଟକଣା ଲାଗୁ କରାଯାଇଛି। ଜଙ୍ଗଲ ମଧ୍ୟକୁ ପ୍ରବେଶ ଅନୁମତି ପାଇଁ ସ୍ଥାନୀୟ ବାସିନ୍ଦା ଶିମିଳିପାଳ ସାଉଥ ବନ୍ୟପ୍ରାଣୀ ଡିଭିଜନର ଡେପୁଟି ଡାଇରେକ୍ଟରଙ୍କୁ ଆବେଦନ କରିଥିବାବେଳେ ତାହାକୁ ସେ ଅଗ୍ରାହ୍ୟ କରିଦେଇଛନ୍ତି। ଫଳରେ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀ ଯମୁନାଗଡ଼ ଅଧିବାସୀଙ୍କ ପକ୍ଷରୁ ଆଇନଜୀବୀ ଆଫ୍ରଜ ସାହେଇଲ ମାମଲା ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ

**ବେଆଇନ ଗଞ୍ଜେଇ ଚାଲାଣ ମାମଲା**

କଟକ,୧୮।୩(କାର୍ତ୍ତିକ ସାହୁ)

ବେଆଇନ ଗଞ୍ଜେଇ ଚାଲାଣ ମାମଲାରେ କଟକର ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ୨ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ ଆଦେଶ ମଙ୍ଗଳବାର ପ୍ରଦାନ କରିଛନ୍ତି। ଏଥିସହ ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ ଅଦାଲତ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ କରି ନ ପାରିଲେ ସେମାନଙ୍କୁ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ପେଟ୍ରାପୋଲ୍ ଥାନା ଅଧୀନ ଛାୟାଘରିଆର ଗୋପାଳ ବିଶ୍ୱାସ ଏବଂ ପଶ୍ଚିମବଙ୍ଗ ନଦିଆ ଜିଲା ଚକ୍ଦାହା ଥାନା ଅନ୍ତର୍ଗତ ଗେତୁଚଛିର ଶୁଭେନ୍ଦୁ ଘୋଷ। ସୂଚନାନୁସାରେ, ୨୦୨୩ ଜୁନ୍ ୨୬ ତାରିଖ ସକାଳ ୭ଟା ୩୦ରେ ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚେକିଂ କରାଯାଉଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ କଟକରୁ ଟାଙ୍ଗୀ ଅଭିମୁଖେ ଏକ କାର୍‌ରେ ୪ ବସ୍ତା ଗଞ୍ଜେଇ ନେଇ ଯାଉଥିବାବେଳେ ଧରାପଡ଼ିଥିଲେ। ପୋଲିସ୍ ସେମାନଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ସୁବ୍ରତ ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଲଉଡ଼ି ମହୋତ୍ସବ

ଫୁଲନଖରା,୧୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଶିଶୋ କଳ୍ପବଟଠାରେ କଳାକାହ୍ନୁ ଯାଦବ ସଂଘ ପକ୍ଷରୁ ବାର୍ଷିକ ଲଉଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୋ ଗ୍ରାମର ରାଧାମୋହନଙ୍କଠାରୁ ଆଜ୍ଞାମାଳ ପାଇବା ପରେ ବ୍ରାହ୍ମଣବାଡ଼ି, ରାୟ ରଘୁନାଥପୁର, ହାଜିପୁର ଓ ପୁରଣ ଲଉଡି ଗ୍ରୁପ କଳାକାରମାନେ ଲଉଡ଼ି ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କଳ୍ପବଟ ଲଉଡ଼ି ସଂଘ ସଭାପତି ରାଧାକୃଷ୍ଣ ବେହେରା, ସମ୍ପାଦକ ରଞ୍ଜନ କୁମାର ବେହେରା, କୋଷାଧ୍ୟକ୍ଷ ବୈକୁଣ୍ଠ ବେହେରା ଓ ରାଧାମୋହନ କମିଟି ସଭାପତି ଉଲ୍ଲାସ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁବାସ ଚନ୍ଦ୍ର ମହାପାତ୍ର, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା, ପ୍ରତାପ ବେହେରା, ପରମାନନ୍ଦ ବେହେରା, ପ୍ରମୋଦ ବେହେରା, ମଧୁସୂଦନ ବେହେରା, ସରୋଜ ବେହେରା, ବୃନ୍ଦାବନ ବେହେରା ଓ କାଳନ୍ଦୀ ବେହେରା ସହଯୋଗ କରିଥିଲେ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ,୧୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ମଙ୍ଗଳବାର କଟକ କାଠଗଡ଼ା ସାହିସ୍ଥିତ ମା' କୋଠିଲାଇ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ଅଧୀନ ୨୬ ନମ୍ବର ୱାର୍ଡର କର୍ପୋରେଟର ତଥା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝାଙ୍କ ନେତୃତ୍ୱରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ରାୟ, ପ୍ରଭାତ କୁମାର ତ୍ରିପାଠୀ, ସଞ୍ଜୟ ଦାସ, ବିଜୟାନନ୍ଦ ବାରିକ, ଶିବ ନାରାୟଣ ନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, କେଶବ କୁମାର କୁଣ୍ଠ, ହରିହର ସାହୁ, ରାଜେଶ ମହାରଣା, ବିଶ୍ୱଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତୀର୍ଥଯାତ୍ରାରେ ଗଲେ ୧୯୭ ବରିଷ୍ଠ ନାଗରିକ



ବରିଷ୍ଠ ନାଗରିକ ତୀର୍ଥଯାତ୍ରାକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ ଶୁଭାରମ୍ଭ କରୁଛନ୍ତି।

କଟକ,୧୮।୩(କାର୍ତ୍ତିକ ସାହୁ)

ବରିଷ୍ଠ ନାଗରିକଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ କଟକ ଜିଲାର ବିଭିନ୍ନ ବ୍ଲକରୁ ୧୯୭ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଇଛନ୍ତି। ସେମାନେ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଯିବା ପାଇଁ କଟକରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ତୀର୍ଥଯାତ୍ରୀମାନେ ବୁଧବାର ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ। କଟକ ଜିଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସ୍କର୍ଟ ଅଫିସର ଯାତ୍ରା କରୁଛନ୍ତି।

## ଶ୍ରମିକ ନେତା ବନମାଳୀ ଦାସଙ୍କ ଜୟନ୍ତୀ

ଚୌଦ୍ୱାର,୧୮।୩(ଆଶୁତୋଷ ଦାସ)

ବିଶିଷ୍ଟ ଶ୍ରମିକ ନେତା, ଚୌଦ୍ୱାର ସାହିତ୍ୟ ସଂସଦର ପୂର୍ବତନ ସଭାପତି ବନମାଳୀ ଦାସଙ୍କ ୯୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଗଣ ଓଟିଏମ୍ କୋଅପରେଟିଭ ଷ୍ଟୋର ସମ୍ମୁଖରେ ଅବସ୍ଥାପିତ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଝୁଣ୍ଟୁକାର ସମ୍ପାଦକ ମାନସ ରଞ୍ଜନ ସାମଲ, ସାମାଜିକ କର୍ମୀ ବୈଷ୍ଣବ ଚରଣ ପ୍ରଧାନ, ଭାଜପା ନେତା ଅକ୍ଷୟ କୁମାର ଭୂୟାଁ, ମୋନାଲିସା ଦାସ, ମାନସ ଧଳ, ଆଇନଜୀବୀ ବିଜୟ ରଞ୍ଜନ ପରିଜା, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, କୈଳାସ ଚନ୍ଦ୍ର ସାହାଣୀଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ସ୍ୱର୍ଗତ ଦାସଙ୍କ କନ୍ୟା ତଥା ଆଇନଜୀବୀ ସରିତା ଦାସ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମଧୁମିତା



@ ପ୍ରଶାନ୍ତ



@ ରାଜକୁମାର



@ ସୋମନାଥ



@ ତୃପ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସରିଲା ଦୋପଟି ମେଳଣ

ନିଆଳି, ୧୮।୩(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳର କସର୍ଦ୍ଦାଠାରେ ଦୋପଟି ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଥାନପତି କସର୍ଦ୍ଦାର ଲକ୍ଷ୍ମୀନାରାୟଣ ଶୋଭାଯାତ୍ରାରେ ପଡିଆକୁ ଆସିଥିଲେ। ପରେ କ୍ରମାନୁସାରେ ୬୪ଟି ଦୋଳବିମାନ ଶୋଭାଯାତ୍ରାରେ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ଏଥିରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିବା ସହ ଗୋପାଳଜୀଉଙ୍କ ନିକଟରେ କଦଳୀ କାନ୍ଦି ଭୋଗ କରିଥିଲେ। ଥାନପତି ଲକ୍ଷ୍ମୀନାରାୟଣ ଓ ଗୋପାଳଜୀଉଙ୍କର ବିମାନ ଏକାଠି ହୋଇ ହରିହର ଭେଟ ହେଲାବେଳେ ଫଗୁରେ ସମସ୍ତେ ରଙ୍ଗିଲା ହୋଇଯାଇଥିଲେ। ପରେ ବିମାନଗୁଡିକ ନିଜ ଗ୍ରାମକୁ ଫେରିଯାଇଥିଲେ। ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କଟକ ସଦର ଉପଖଣ୍ଡ ଅଧିକାରୀ, ସ୍ଥାନୀୟ ତହସିଲଦାର, ନିଆଳି ଥାନା ଆଇଆଇସି ଓ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ।

## ମାରପିଟରେ ୧୧ ଆହତ, ୩ ଗିରଫ

ଖୁଣ୍ଟୁଣୀ,୧୮।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗ୍ରାମରେ ବାରୁଣୀ ଯାତ୍ରା ପାଇଁ ସୋମବାର ରାତିରେ ଗ୍ରାମ କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀ କମିଟି ଚୟନ ପାଇଁ ଦାବି କରିବାରୁ ଅନ୍ୟ ଗୋଷ୍ଠୀ ବିରୋଧ କରିଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଏଥିରେ ଉଭୟ ପକ୍ଷର ୧୧ ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା(ନଂ.୫୬,୫୭/୨୫) ରୁଜୁ କରିଛି। ଏହି ଘଟଣାରେ ଉଭୟ ପକ୍ଷରୁ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଜିତେନ୍ଦ୍ର ପ୍ରଧାନ, ଝରଣ ମଲ୍ଲିକ, ଦିନେଶ ନାୟକ।

## ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁରେ ହୋଲି ଖେଳିବା ଘଟଣା, ୩ କର୍ମଚାରୀ ବହିଷ୍କୃତ

କଟକ,୧୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ହୋଲି ଖେଳିବା ଘଟଣାରରେ ୩ ଜଣଙ୍କୁ ବହିଷ୍କାର କରାଯାଇଛି। ଦୁଇଜଣ ଆଟେଣ୍ଡାଣ୍ଟ ଓ ଜଣେ ସୁରକ୍ଷାକର୍ମୀଙ୍କୁ ମଙ୍ଗଳବାର ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ ବହିଷ୍କାର କରିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଶନିବାର ଏସ୍‌ସିବି ଟ୍ରମା ଆଇସିୟୁ ଭିତରେ କର୍ମଚାରୀମାନେ ହୋଲି ଖେଳିଥିଲେ। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଥିଲେ। ରୋଗୀ ସେବା ପ୍ରଭାବିତ ହେବା ଭୟରେ କେହି ପ୍ରତିବାଦ କରି ନ ଥିଲେ। ପରେ ଏନେଇ ଏସ୍‌ସିବି ଅଧକ୍ଷା ଡା. ଦାସଙ୍କ ନିକଟରେ ଅଭିଯୋଗ ହେବା ପରେ ୧୦ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଉକ୍ତ ଘଟଣାର ତଦନ୍ତ କରାଯାଇ ୩ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## 'ଶୂନ୍ୟତାକୁ ପରିପୂର୍ଣ୍ଣ କରିବା ହେଉଛି ଜୀବନର ମୂଲ୍ୟବୋଧ'

**ଲେଖକ ପ୍ରଫୁଲ୍ଲ ମହାନ୍ତିଙ୍କ ଉପରେ ବୃତ୍ତଚିତ୍ର ପ୍ରଦର୍ଶିତ**

କଟକ,୧୮।୩(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଓଡ଼ିଶାର ଗ୍ରାମୀଣ କଳା, ସଂସ୍କୃତି, ପରମ୍ପରା ଆଧାରରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ କଳାତ୍ମକ ସୃଜନଶୀଳତା ଗଢ଼ିଥିବା ଲେଖକ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରକର ଓ ସ୍ଥପତି ପ୍ରଫୁଲ୍ଲ ମହାନ୍ତିଙ୍କ ଉପରେ ନିର୍ମିତ ବୃତ୍ତଚିତ୍ର 'ଶୂନ୍ୟ: ବିଙ୍ଗ୍ ପ୍ରଫୁଲ୍ଲ ମହାନ୍ତି' ମଙ୍ଗଳବାର ପ୍ରଦର୍ଶିତ ହୋଇଛି। ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟିଭି ଇନ୍‌ଷ୍ଟିଚ୍ୟୁଟର ନିରଦ ମହାପାତ୍ର ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲଣ୍ଡନରେ ଦୀର୍ଘ ୬୫ ବର୍ଷ ଧରି ରହୁଥିବା ୯୧ ବର୍ଷୀୟ ପ୍ରବାସୀ ଲେଖକ ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ ନିଜର ଅଭିବ୍ୟକ୍ତି ବଖାଣିଥିଲେ। ସେ କହିଥିଲେ, ଶୂନ୍ୟ ହେଉଛି ଆମ ଜୀବନ। ସବୁକିଛି ଶୂନ୍ୟରୁ ଆରମ୍ଭ ହୋଇ ସେଇ ଶୂନ୍ୟରେ ହିଁ ଶେଷ ହୋଇଥାଏ। ସାରା ପୃଥିବୀ ହେଉଛି ଶୂନ୍ୟ। ଆମେ ସେଇ ଶୂନ୍ୟତାକୁ ପରିପୂର୍ଣ୍ଣ କରି ସୁନ୍ଦର ଜଗତ ଗଢ଼ିପାରିବା। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ କହିଥିଲେ, ପ୍ରଫୁଲ୍ଲ ବାବୁ ଓଡ଼ିଶାର ସାଂସ୍କୃତିକ ଓ ବିଭବବନ୍ତ ଚିତ୍ରକଳାକୁ ପ୍ରତିଷ୍ଠା କରିବାରେ ସିଦ୍ଧହସ୍ତ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ କହିଥିଲେ, ଶୂନ୍ୟତା ହେଉଛି ପୂର୍ଣ୍ଣତାର ପ୍ରତିଶବ୍ଦ। ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଶୁଭ୍ରରଞ୍ଜନ ରାୟ ସ୍ୱାଗତ ଜଣାଇଥିଲେ। ଲଣ୍ଡନରେ ରହୁଥିବା ଏହି ବୃତ୍ତଚିତ୍ରର ନିର୍ଦ୍ଦେଶକ ସୌମ୍ୟଜ୍ୟୋତି ପ୍ରତିହାରୀ କହିଥିଲେ, ୯୩ ମିନିଟ୍‌ର ଏହି ଚିତ୍ରକୁ ପ୍ରସ୍ତୁତ କରିବା ପାଇଁ ୪ବର୍ଷ ସମୟ ଲାଗିଛି। ଅବସରପ୍ରାପ୍ତ ପ୍ରଶାସିକା ବୀଣା ଛୋଟରାୟ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବୈଷ୍ଣବ ଚରଣ ମହାନ୍ତି, ପ୍ରାଧ୍ୟାପକ ଡ. ଗିରିଶ ଚନ୍ଦ୍ର ସାହୁ, ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଅବସରପ୍ରାପ୍ତ ଅଧ୍ୟକ୍ଷ ସରୋଜ ଦେଓଭଞ୍ଜ, ସୋନାଲି ଶର୍ମିଷ୍ଠା ମହାନ୍ତି ଓ ଲଗନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଲଣ୍ଡନର ପିମ୍ଲିକୋ ପ୍ରଡକ୍ସନ ପକ୍ଷରୁ ନିର୍ମିତ ଏହି ବୃତ୍ତଚିତ୍ରର ପ୍ରଯୋଜକ ପ୍ରଦୀପ୍ତ ଦାସ ଓ ସୌମ୍ୟଜ୍ୟୋତି ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଫଟୋରେ ଖବର



ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।




ଇପିଏଫ୍ ପେନ୍‌ସନର୍ସମାନଙ୍କୁ ସର୍ବନିମ୍ନ ୯୦୦୦ ଟଙ୍କା ବୃଦ୍ଧି କରିବା ଦାବି ନେଇ କଟକ କଚେରିଗଡ଼ା ରାସ୍ତାପାର୍ଶ୍ୱରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ କଟକ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ଗାଁ ଗହଳିରେ ଚୈତ୍ର ମଙ୍ଗଳବାର ପୂଜା**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): ସାରା ରାଜ୍ୟରେ ଚୈତ୍ରମାସର ପ୍ରଥମ ମଙ୍ଗଳବାରରେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଇଛି। କଣାସ ବ୍ଲକର ସବୁ ଗ୍ରାମରେ ପ୍ରତି ୮/୧୦ ପରିବାରର ମହିଳା ଗ୍ରାମଦାଣ୍ଡରେ ଏକାଠି ମଙ୍ଗଳାଙ୍କ ମୂର୍ତ୍ତି ସ୍ଥାପନ କରି ରଙ୍ଗବେରଙ୍ଗର ଫୁଲରେ ସଜେଇ ପୂଜାର୍ଚ୍ଚନା କରିଛନ୍ତି। ଭୋଗଡାଲା, ଖଇକୋରା, ବିଭିନ୍ନ ଫଳମୂଳ, ନଡ଼ିଆ, କଦଳୀ ଓ ପଣା ପ୍ରସ୍ତୁତ ଭୋଗ ଲଗାଇ ମା' ମଙ୍ଗଳାଙ୍କ ଚୈତ୍ର ମଙ୍ଗଳବାର ପୁସ୍ତକ ପଠନ କରିଥିଲେ। ସ୍ୱାମୀ, ପୁଅ, ଝିଅ ଏବଂ ସପରିବାରଙ୍କ ମଙ୍ଗଳ ମନାସି ଚୈତ୍ର ମାସର ପ୍ରତି ମଙ୍ଗଳବାରରେ ମହିଳାମାନେ ଏହି ପୂଜା କରିଥାନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୩।୨୦୨୫

| | |
|---|---|
| ୪,୨୬,୫୬୨ ଟଙ୍କା | |
| ସୁନା | ୧.୧୦୦ ଗ୍ରାମ୍ |
| ରୁପା | ୩୩.୫୦୦ ଗ୍ରାମ୍ |

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

କାକଟପୁର/ଅସ୍ତରଙ୍ଗ, ୧୮।୩ (ଶୁଭଦର୍ଶନ ମିଶ୍ର/ମମତା ଜେନା)

### ଚୈତ୍ର ମାସର ପ୍ରଥମ ମଙ୍ଗଳବାର ନେତ୍ରୋତ୍ସବ

ପୁରୀ ଜିଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗଜ୍ଜନନୀ ମା' ମଙ୍ଗଳାଙ୍କ ଜନ୍ମ ମହୋତ୍ସବ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଅବସରରେ ପାଳିତ ହୋଇଯାଇଛି, ଯାହାକୁ ପ୍ରସିଦ୍ଧ ନେତ୍ରୋତ୍ସବ ବୋଲି କୁହାଯାଏ। ପରମ୍ପରା ଅନୁଯାୟୀ ପ୍ରଥମ ପାଳି ଯାତ୍ରାରେ ମା'ଙ୍କ ମନ୍ଦିର ଚୂଡ଼ାରେ ବନ୍ଧା ହୋଇଥିବା ପୁରୁଣା ନେତକୁ ବଦଳାଯାଇ ନୂଆ ନେତ ବନ୍ଧାଯାଇଛି। ଏହି ଅବସରରେ ମା' ଭକ୍ତଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଝାମୁଯାତ୍ରାର ପ୍ରଥମ ପାଳି ଯାତ୍ରା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନୀତି ନିର୍ଘଣ୍ଟ ଅନୁଯାୟୀ ରାତ୍ର ୧ଟା ୩୦ ମିନିଟ୍‌ରେ ଦ୍ୱାରଫିଟା ଓ ମଙ୍ଗଳଆଳତି, ୧ଟା ୩୫ ମିନିଟ୍‌ରୁ ୩ଟା ୩୦ ମିନିଟ୍ ମଧ୍ୟରେ ସ୍ନାନ, ମାଜଣା, ବେଶ ଓ ଚନ୍ଦନ ଲାଗି ହୋଇଥିଲା। ସୂର୍ଯ୍ୟପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଟା ୩୦ ମିନିଟ୍‌ରେ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ସମୟରେ ପାଳିଆ ପୂଜାପଣ୍ଡା ଏକ ପିତ୍ତଳ ଥାଳିରେ ନୂତନ ନେତ ଓ ଚକ୍ର ମାଜଣା ସାମଗ୍ରୀ ଧରି ମନ୍ଦିରରେ ୩ ଥର ବେଢ଼ା ପରିକ୍ରମା କରିଥିଲେ। ଏହି ସମୟରେ ଘଣ୍ଟ, କାହାଳୀ, ମୃଦଙ୍ଗ ସାଙ୍ଗକୁ ଯାଦବଙ୍କ ଲଉଡ଼ି ଖେଳ, କାଳିଶିଙ୍କ ନୃତ୍ୟ ଓ ବିଭିନ୍ନ ରଙ୍ଗର ଅବିରରେ ମନ୍ଦିର ପରିସର ରଙ୍ଗିନ୍ ହୋଇଥିଲା। ପୂଜାପଣ୍ଡା ବେଢ଼ା ପରିକ୍ରମା କରି ଅନ୍ୟ ସେବାୟତଙ୍କ ହସ୍ତରେ ନେତକୁ ଦେଇଥିଲେ। ସେବାୟତମାନେ ମନ୍ଦିର ଉପରେ ଚଢ଼ି ପ୍ରଥମେ ଚୁଆ, ହଳଦୀ ଆଦିରେ ଚକ୍ରକୁ ମାଜଣା କରିବା ପରେ ନୂତନ ନେତ ବାନ୍ଧିଥିଲେ। ଏହାସହ ମା'ଙ୍କ ନେତ୍ରୋତ୍ସବରେ ମା' ଶାରଳା ପୀଠରୁ ଆସିଥିବା ପାଟୁଆମାନେ ପ୍ରାଚୀନଦୀରୁ ପାଣିତୋଳି ମା'ଙ୍କ ସମ୍ମୁଖରେ ଘଣ୍ଟ ପାଟୁଆ ନୃତ୍ୟ କରି ମାସତମାମ ମା'ଙ୍କ ମହିମା ପ୍ରଚାର କରି ବିଭିନ୍ନ ଗାଁ ପରିକ୍ରମା କରିବେ। ଏହି ଦିନ ପୁରପଲ୍ଲୀରେ ବ୍ରତଧାରୀ ମହିଳା ପଛେଇ ନିର୍ମାଣ କରି ନଡ଼ିଆ, କଦଳୀ, କ୍ଷୀର ଓ ହଳଦୀ ପାଣିରେ ମା'ଙ୍କ ନାମରେ ବ୍ରତ ରଖି ପୂଜା ଆରମ୍ଭ କରିଛନ୍ତି। ମାନସିକଧାରୀ ମହିଳା ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ମନ୍ଦିର ପ୍ରାଙ୍ଗଣରେ ପଣା, ଧୂପଦୀପ ଓ ନୈବେଦ୍ୟ ଦେଇ ପୂଜା କରିଥିଲେ। ଏହି ଅବସରରେ ନେତ୍ରୋତ୍ସବରେ ମା' ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ ନିମନ୍ତେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯିବା ସହ ପୋଲିସ ମୁତୟନ କରାଯାଇଛି। କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ, କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସ୍ଥିତି ଅନୁଧ୍ୟାନ କରିଥିଲେ।



## ଆଜି ମହାପ୍ରଭୁଙ୍କ ବନକଲାଗି ନୀତି

### ଅପରାହ୍ନ ୫ରୁ ରାତି ୧୦ ସାଧାରଣ ଦର୍ଶନ ବନ୍ଦ

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ରମାସ କୃଷ୍ଣପକ୍ଷ ପଞ୍ଚମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଏହି ଗୁପ୍ତ ବନକଲାଗି ନୀତିକୁ ଦତ୍ତମହାପାତ୍ର ସେବକମାନେ ସମ୍ପାଦନ କରିଥାନ୍ତି। ବୁଧବାର ଏହି ନୀତି ସମୟରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ନୀତି ଶେଷ ହେବାପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ନିମନ୍ତେ ୧୯ ଏବଂ ୨୦ ତାରିଖ ଦୁଇଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ।

## ଟଙ୍କା ହଡ଼ପ ମାମଲାରେ କଲେଜ ଅଧ୍ୟାପିକା ଗିରଫ

ନିମାପଡ଼ା,୧୮।୩ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଇନ୍ଦିରାଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଅଧ୍ୟୟନରତ ଜଣେ ଛାତ୍ରୀଙ୍କ ସ୍କଲାରସିପ୍ ଟଙ୍କା ଜାଲିଆତି କରି ହଡ଼ପ କରିଥିବା ମାମଲାରେ ନିମାପଡ଼ା ପୋଲିସ କଲେଜ ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗତବର୍ଷ ଜୁଲାଇ ୭ରେ ଛାତ୍ରୀ ନିମାପଡ଼ା ଦେବୀ ମଣ୍ଡପ ସାହିର କାଜଲ ସେନାପତି ଅଧ୍ୟାପିକା ସ୍ୱାଇଁଙ୍କ ବିରୋଧରେ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଆକାଉଣ୍ଟକୁ ୨ଟି କିସ୍ତିରେ ଆସିଥିବା ୪୦ ହଜାର ୫୦୦ ସ୍କଲାରସିପ୍ ଟଙ୍କାକୁ ଅନ୍ୟ ବାବଦରେ ଖର୍ଚ୍ଚ ହେବ କହି ଚଞ୍ଚକତା କରି ଅଧ୍ୟାପିକା ହଡ଼ପ କରିନେଇଥିଲେ। ଏପରିକି ଛାତ୍ରୀଙ୍କ ଅଜ୍ଞାତରେ ଅଧ୍ୟାପିକା ଚଞ୍ଚକତା କରି ତାଙ୍କ ବିଭିନ୍ନ ସାର୍ଟିଫିକେଟ ନେଇ କୋଣାର୍କ ଅଞ୍ଚଳର ଏକ ନର୍ସିଂ ସ୍କୁଲରେ ନାମ ଲେଖାଇ ସେଠାରେ ସ୍କଲାରସିପ୍ ପାଇଁ ଆବେଦନ କରିଥିଲେ। ଏହା ଜାଣି ଛାତ୍ରୀ ଜଣଙ୍କ ଠକାମିର ଶିକାର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ଛାତ୍ରୀ ଜଣଙ୍କ ଅଧ୍ୟାପିକାଙ୍କୁ ପଚାରିବାରେ, ଅଧ୍ୟାପିକା ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗାଇ ମାରିବାକୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଧ୍ୟାପିକା ସ୍ୱାଇଁଙ୍କ ବିରୋଧରେ ୩୭୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ।

## ୩୭୫ ଲିଟର ଦେଶୀମଦ ଜବତ

ସାକ୍ଷୀଗୋପାଳ,୧୮।୩ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସତ୍ୟବାଦୀ ଥାନା ଅଧୀନ ପଚ୍ଚନାୟିକିଆ–ବଳପୁର ରାସ୍ତାରେ ଦେଶୀମଦ ଚାଲାଣ ହେଉଥିବାବେଳେ ପୋଲିସ ମଦ ବୋଝେଇ ଅଟୋରିକ୍ସାକୁ ସୋମବାର ରାତିରେ ଜବତ କରିଛି। ଜବତ ୩୭୫ ଲିଟର ଦେଶୀମଦକୁ ପୋଲିସ ଜବତ କରି ଥାନାକୁ ଆଣିଥିବାବେଳେ ଚୋରା ମଦ କାରବାରରେ ଲିପ୍ତ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପୋଲିସ ୮୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରଧାନ ସାହି ନିକଟରେ ଏଏସ୍ଆଇ ଆର୍.କେ. ସାହୁ ଓ କେ.ସି. ନାୟକ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଚଢ଼ାଉ କରିଥିଲେ।

# ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ



ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ସହ ଅନ୍ୟ ଅତିଥିମାନେ।

ପିପିଲି,୧୮।୩(ପ୍ରଭାତ କୁମାର ମହାପାତ୍ର)

### ବଗଳାମୁଖୀ ମହୋତ୍ସବ ଉଦ୍‌ଘାଟିତ

ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ମା' ବଗଳାମୁଖୀ ପୀଠ ନିକଟରେ ପ୍ରଥମ କରି ୨ ଦିନିଆ ବଗଳାମୁଖୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନ ଆବାହକ ଦେବାଶିଷ ନନ୍ଦ ତତ୍ତ୍ୱାବଧାନ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ମହାରଥୀଙ୍କ ସମେତ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ କୁମାର ମଲ୍ଲିକ, ଯୁବ ବିଜେଡି ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ପଣ୍ଡା, ସାମାଜିକ କର୍ମୀ ବିରଜା ପ୍ରସାଦ ପଟ୍ଟନାୟକ, ଅନାଦି ସ୍ୱାଇଁ, ସମିତି ସଭ୍ୟ କବିତା ଖଟୋଇ, ପୂର୍ବତନ ଆତ୍ମା ଅଧ୍ୟକ୍ଷ ପ୍ରକାଶ ଧଳ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ୍ ଦାଶ, ସୌମ୍ୟରଞ୍ଜନ ମହାପାତ୍ର ଏବଂ ପିପିଲି ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲାରୁ ଅଭିଜ୍ଞ ପୁରୋହିତମାନେ ମା' ବଗଳାମୁଖୀଙ୍କ ମହାଯଜ୍ଞରେ ସାମିଲ ହୋଇଥିଲେ। ବେଦମନ୍ତ୍ର ଉଚ୍ଚାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବରେ ରାଜ୍ୟର ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାକୁ ଦେଖିବାକୁ ଆଖପାଖରୁ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିଲା। ପ୍ରସିଦ୍ଧ ସମ୍ବଲପୁରୀ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ଉପସ୍ଥିତ ଅଗଣିତ ଦର୍ଶକ ଝୁମିଥିବାବେଳେ ମଧ୍ୟରାତ୍ର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଫାଣ୍ଡିରେ ୩ କର୍ମଚାରୀ ଛୁଟିରେ, ଆଇନଶୃଙ୍ଖଳା ଠପ୍

ଯୋଗେଶ୍ୱରପୁର,୧୮।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ଓ ଭ୍ୟାନ ନ ଥିବାରୁ ଆଇନଶୃଙ୍ଖଳା ଏକପ୍ରକାର ଠପ୍ ହୋଇ ପଡ଼ିଛି। ଫାଣ୍ଡିରେ ୬ ଜଣ କନଷ୍ଟେବଲ୍ ନିଯୁକ୍ତି ପାଇବା ପରିବର୍ତ୍ତେ ୫ ଜଣ ଅଛନ୍ତି। ସେଥିମଧ୍ୟରୁ ୩ ଜଣ ଲମ୍ବା ଛୁଟିରେ ଅଛନ୍ତି। ପାଟ୍ରୋଲିଂ ପାଇଁ ଯେଉଁ ପିସିଆର୍ ଅଛି, ତାହା ୧୫ ବର୍ଷ ତଳର ପୁରୁଣା ହୋଇଥିବାବେଳେ ଅନେକ ସମୟରେ ଅଧାରୁ ବନ୍ଦ ହୋଇଯାଏ। ଫଳରେ କର୍ମଚାରୀ ହଇରାଣ ହୋଇଥାନ୍ତି। ଫାଣ୍ଡିରେ ଏଏସ୍ଆଇ ଥିଲେ ମଧ୍ୟ ପ୍ରତିଦିନ ୧୦ରୁ ଅଧିକ ଅଭିଯୋଗ ଆସୁଥିବାବେଳେ ତାକୁ ସମାଧାନ କରିବା ଫାଣ୍ଡି ଅଧିକାରୀଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଛି। ଫଳରେ ଲୋକେ ନିରାଶ ହୋଇ ଗୋପ ଥାନାକୁ ଯାଉଛନ୍ତି। ଫାଣ୍ଡିକୁ ସବ୍‌ଇନିସ୍‌ପେକ୍ଟର ଯୋଗାଇ ଦେବାକୁ ପୁରୀ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ନୟାହାଟ ଶାସକ ଦଳ ପକ୍ଷରୁ ଏକ ଅଭିଯୋଗ ପତ୍ର ଦିଆଯାଇଥିଲା। ଏସ୍‌ପି ଅଗ୍ରୱାଲ ୮ ଦିନ ମଧ୍ୟରେ ଦକ୍ଷ ପୋଲିସ ଅଫିସର ଯୋଗେଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି ପୂରଣ ହୋଇପାରି ନାହିଁ। ଏନେଇ ଭାଜପାର ବରିଷ୍ଠ କର୍ମୀ ଅନନ୍ତ ସାହୁ, କେଦାର ସାହୁ ନୟାହାଟ ଆଇନଶୃଙ୍ଖଳା ଠପ୍ ହେବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ, ୪ ଗୁରୁତର

କୋଣାର୍କ,୧୮।୩(ଜ୍ୟୋତିରାଜ ମହାନ୍ତି)

### ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମପଞ୍ଚାୟତର ମଲ୍ଲିପଡ଼ା ସାମିଲ ଯମତଳା ଗ୍ରାମରେ ଗତ ୧୬ ତାରିଖ ସନ୍ଧ୍ୟାରେ ଜମିଜମା ମାମଲା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ଗୋଟିଏ ପରିବାରର ୪ ଜଣ ଗୁରୁତର ଆହତ ହୋଇଥିଲେ। ଏନେଇ ପୋଲିସ କେବଳ ୩୭/୨୫ରେ ଏକ ମାମଲା ରୁଜୁ କରି କୌଣସି ପଦକ୍ଷେପ ଗ୍ରହଣ ନ କରି ନୀରବ ଦ୍ରଷ୍ଟା ସାଜିଥିବା ନେଇ କୋଣାର୍କ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯମତଳା ଗ୍ରାମର ମୋହିନୀ ପ୍ରଧାନଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ପ୍ରଧାନ, ଦିଅର ରାମଚନ୍ଦ୍ର ପ୍ରଧାନ, ପୁଅ ସୌରଭ ପ୍ରଧାନ ଓ ଶାଶୁଙ୍କୁ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନ, ବାବୁ ପ୍ରଧାନ, ହାପି ଯେନା, କେଳା ପ୍ରଧାନ, ବିଷ୍ଣୁ ପ୍ରଧାନଙ୍କ ସମେତ ୧୫ ଜଣ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ କରିଥିବା ଗତ ୧୬ ତାରିଖରେ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣକାରୀ ସଂଘବଦ୍ଧ ଭାବେ ମୋହିନୀଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣରେ ସ୍ୱାମୀ ଓ ଦିଅରଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଶାଶୁଙ୍କ ବାମ ହାତ ଭାଙ୍ଗି ଯାଇଥିବା ମୋହିନୀ ଏତଲାରେ ଉଲ୍ଲେଖ କରିଛନ୍ତି। ଗୁରୁତରଙ୍କୁ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରସ୍ଥି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ କୋଣାର୍କ ପୋଲିସ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଉକ୍ତ ଘଟଣାରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋହିନୀଙ୍କ ପରିବାରକୁ ସୁରକ୍ଷା ଯୋଗାଇବାକୁ ମୋହିନୀ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପୁରୀ ଏସ୍‌ପି ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ପ୍ରାଥମିକ, ଉଚ୍ଚ ପ୍ରାଥମିକ ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ର, ଉତ୍ତର ଭାଇରାଲ

ଅସ୍ତରଙ୍ଗ,୧୮।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାରଠାରୁ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି। କିନ୍ତୁ ପରୀକ୍ଷାର ୨/୩ ଦିନ ପୂର୍ବରୁ ୟୁଟ୍ୟୁବ୍‌ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଛି। ଏଥିସହ ଉତ୍ତର ମଧ୍ୟ ଛଡ଼ାଯାଇଛି, ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଏ ସମ୍ପର୍କରେ ତଦାରଖ କରିବେ।

# ୮୬ ଫାସିକାଠଦାତାଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)



ସମ୍ବର୍ଦ୍ଧିତ ଫାସିକାଠଦାତାଙ୍କ ସହ ପୁରୀ ରାଜା ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ବିରଳ ଫାସିକାଠଦାତାମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୩ ଓ ୨୦୨୪ ବର୍ଷର ୮୬ ଜଣ କାଠଦାତାଙ୍କୁ ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମ୍ବର୍ଦ୍ଧିତ କରିଛନ୍ତି। ସମସ୍ତ ଦାତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ମାନପତ୍ର ଏବଂ ମହାପ୍ରଭୁଙ୍କ ସ୍ମାରକୀ ଆଦି ପ୍ରଦାନ କରାଯାଇଛି।

ଚତୁର୍ଦ୍ଧାବିଗ୍ରହଙ୍କ ରଥ ନିର୍ମାଣରେ ବିଭିନ୍ନ କାଠର ବ୍ୟବହାର କରାଯାଇଥାଏ। ମହାପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ବନ ବିଭାଗ ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ଅଧିବାସୀମାନେ ଫାସିକାଠ ଶ୍ରୀମନ୍ଦିର ପ୍ରଶାସନକୁ ଯୋଗାଇ ଦେଇଥାନ୍ତି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ୨୦୨୩ ଓ ୨୦୨୪ ମସିହା ଘୋଷଯାତ୍ରା ନିମନ୍ତେ ଫାସିକାଠ ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଙ୍ଗଳବାର ଖୋର୍ଦ୍ଧା, ନୟାଗଡ଼, କଟକ, ଅନୁଗୋଳ ଏବଂ ଗଞ୍ଜାମ ଜିଲାର ପ୍ରାୟ ୮୦ ଜଣ ଫାସିକାଠଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଆରମ୍ଭ ହୋଇଛି। ଭବିଷ୍ୟତରେ ମହାପ୍ରଭୁଙ୍କ ଘୋଷଯାତ୍ରାରେ ବ୍ୟବହୃତ ହେଉଥିବା କାଠର ଅଭାବ ଦେଖାଯିବନାହିଁ। କାଠଦାତା ନୟାଗଡ଼ର ସିଦ୍ଧାର୍ଥ ଶେଖର ସାହୁ କହିଛନ୍ତି, ଉତ୍ସବରେ ଗଜପତି ମହାରାଜ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ, ଯାହାକୁ ଭାଷାରେ କହିବା ଅତୁଳନୀୟ। ମହାପ୍ରଭୁଙ୍କ ସେବାରେ ନିଜକୁ ସାମିଲ କରିଥିବାରୁ ବହୁତ ଖୁସି ଅଛି। ସେ ୨୦୨୨ରୁ ମହାପ୍ରଭୁଙ୍କ ପାଇଁ ଫାସିକାଠ ଯୋଗାଇ ଆସୁଛନ୍ତି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଫାସିକାଠ ଯୋଗାଇଦେବି। ସେହିପରି ନୟାଗଡ଼ର ପଲ୍ଲିଶ୍ରୀ ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ହୋଇଥାଏ। ଆମେ ନିମିତ୍ତ ମାତ୍ର। ଗଜପତିଙ୍କୁ ନିକଟରେ ଦେଖି ବହୁତ ଖୁସି ଲାଗିଲା। ସ୍ୱାଇଁ ୨/୩ ବର୍ଷ ହେବ ଫାସିକାଠ ଯୋଗାଇ ଆସୁଛନ୍ତି। ମହାପ୍ରଭୁଙ୍କ କୃପା ହେଲେ ଆଗକୁ ମଧ୍ୟ ଏପରି କାଠ ଯୋଗାଇଦେବି ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମଧୁମିତା



@ ପ୍ରଶାନ୍ତ



@ ରାଜକୁମାର



@ ସୋମନାଥ



@ ତୃପ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେଢ଼ ବର୍ଷରେ ୧.୫୫ କୋଟିର ବ୍ରାଉନ୍‌ସୁଗାର ଜବତ

ନିମାପଡ଼ା,୧୮।୩(ବିଚିତ୍ରାନନ୍ଦ ସାହୁ)

### ୨୪ ବ୍ୟବସାୟୀ ଗିରଫ, ୨୪ ମାମଲା ରୁଜୁ

ନିମାପଡ଼ା ଅବକାରୀ ଥାନା ଅନ୍ତର୍ଗତ ନିମାପଡ଼ା, ବଳଙ୍ଗା, ଚାରିଛକ, କାକଟପୁର, ଅସ୍ତରଙ୍ଗ ଆଦି ଥାନା ଅଞ୍ଚଳକୁ ଖୁବ୍‌ଶୀଘ୍ର ବ୍ରାଉନ୍‌ସୁଗାରମୁକ୍ତ ଅଞ୍ଚଳରେ ପରିଣତ କରାଯିବ। ଏ ଦିଗରେ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଚଢ଼ାଉ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧୀକ୍ଷକ ନାରାୟଣ ବେହେରା ସୂଚନା ଦେଇଛନ୍ତି। ଚୋରା ବ୍ରାଉନ୍‌ସୁଗାର କାରବାରକୁ ଦୃଢ଼ ଭାବେ ପ୍ରତିହତ କରାଯିବା, କୁଖ୍ୟାତ ବ୍ୟବସାୟୀଙ୍କୁ ଗିରଫ କରାଯିବା ଦିଗରେ ସମଗ୍ର ଜିଲାରେ ନିମାପଡ଼ା ଅବକାରୀ ଥାନା ଆଶାତୀତ ସଫଳତା ହାସଲ କରିଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି।

ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଅଚାନକ ଚଢ଼ାଉ କରି ଗତ ଦେଢ଼ବର୍ଷ ମଧ୍ୟରେ ୧.୫୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ବ୍ରାଉନ୍‌ସୁଗାର ଜବତ କରିଥିବା ବେଳେ ୨୪ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ କରିଛି। କେତେଜଣ ବ୍ୟବସାୟୀଙ୍କ ଠାରୁ ୫ ବାଇକ୍ ଓ ୫୦ ହଜାର ଟଙ୍କା ଜବତ କରାଯାଇଥିବା ଥାନା ପକ୍ଷରୁ ଜଣାପଡ଼ିଛି। ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ଓ ଲଗାତାର ଚଢ଼ାଉ ଯୋଗୁ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଦେଖାଯାଉଛି। ସ୍ଥାନୀୟ ଅବକାରୀ ଭାରପ୍ରାପ୍ତ ନିରୀକ୍ଷକ ବେହେରାଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ଅଧ୍ୟାପକଙ୍କ ବିୟୋଗରେ ଯୁବନେତ୍ରୀଙ୍କ ସହାୟତା

ବଳଙ୍ଗା,୧୮।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧ୍ୟାପକ ତଥା ଉଚ୍ଛୁପୁର ନିବାସୀ ବିଜୟ କୁମାର ଦାଶଙ୍କ ମସ୍ତିଷ୍କ ଆଘାତରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ଏହା ଶୁଣି ଯୁବନେତ୍ରୀ ରୋଜାଲିନ ନାୟକ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସାକ୍ଷାତ୍ କରିଛନ୍ତି। ଯୁବନେତ୍ରୀ ତାଙ୍କ ସହଯୋଗୀ କର୍ମୀଙ୍କ ସହ ପହଞ୍ଚି ଅଧ୍ୟାପକଙ୍କ ସ୍ତ୍ରୀ ଓ ୨ ଝିଅଙ୍କୁ ସାନ୍ତ୍ୱନା ଦେବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଭବିଷ୍ୟତରେ ସବୁଦିନ ପାଇଁ ସେ ପରିବାରର ଦୁଃଖସୁଖର ସାଥୀ ହୋଇ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଧ୍ୟାପକଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଦାୟାଦଙ୍କୁ ଥଇଥାନ କରିବାରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ଆଶା ଦେଇଛନ୍ତି।

